## କାଳବୈଶାଖୀରେ ବ୍ୟାପକ ରବିଚାଷ ନଷ୍ଟ



ଖଇରା,୨୮।୩(ଉତ୍କଳବନ୍ଧୁ ପଣ୍ଡା)

ଗୁରୁବାର ରାତିରେ ପ୍ରବଳ ଝଡ ବର୍ଷା ଯୋଗୁ ବାଲେଶ୍ୱର ଜିଲା ଖଇରା ବ୍ଲକର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ବଡନୂଆଗାଁ ପଞ୍ଚାୟତ ଅଧୀନ ବାଘୁଆ ଗ୍ରାମରେ ଏହି ଝଡ ପ୍ରଭାବରେ ରମାକାନ୍ତ ପଣ୍ଡାଙ୍କର ଛତୁ ଘର ସହ ପରିବା ଚାଷ ପାଇଁ ନିର୍ମିତ ଛାୟାଗୃହ ଭାଙ୍ଗି ନଷ୍ଟ ହୋଇଯାଇଛି। ସେହିଭଳି ବର୍କିତିରା ଗ୍ରାମର ଜଗବନ୍ଧୁ ସାହୁଙ୍କ କଦଳୀ ଚାଷ ନଷ୍ଟ ହୋଇଯାଇଥିବା ବେଳେ ବାଘୁଆ ଗ୍ରାମର ଅନନ୍ତ ନନ୍ଦ ଓ ଗଜେନ୍ଦ୍ର ବେହେରା ଘର ଛପର ନଷ୍ଟ ହୋଇଛି। ଚାଷୀମାନେ କ୍ଷତିପୂରଣ ପାଇଁ ଉଦ୍ୟାନ ବିଭାଗ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଛନ୍ତି । ଏହାଛଡା ପତିରାଜପୁର ଓ ସଇଁ ଗ୍ରାମରେ ମଧ ପରିବା ଚାଷ ନଷ୍ଟ ହୋଇଛି।

# ଗ୍ରାମବାସୀ-ବାଲି ଚାଲାଣକାରୀ ଧସ୍ତାଧସ୍ତି

**ନଦୀଶଯ୍ୟାରୁ ବେଆଇନ ବାଲି ଉତ୍ତୋଳନ**

**୩ ନୌକା ଥାନାରେ ଅଟକ**

ଭୋଗରାଇ, ୨୮।୩(ପ୍ରଦୀପ ଦାସ)

ସୁବର୍ଣ୍ଣରେଖାରୁ ଦୈନିକ ଶହ ଶହ ଟ୍ରିପ ବେଆଇନ ବାଲି ଉତ୍ତୋଳନ କରି ନୌକା ଦ୍ୱାରା ଚୋରାଚାଲାଣକାରୀମାନେ ପଶ୍ଚିମବଙ୍ଗକୁ ଚାଲାଣ କରୁଛନ୍ତି। ପ୍ରଶାସନ ଓ ଖଣିବିଭାଗକୁ ବାରମ୍ବାର ଗ୍ରାମବାସୀ ଅଭିଯୋଗ କରିଆସୁଥିଲେ ମଧ ପ୍ରତିକାର ହେଉନାହିଁ। ଅବାଧ ନଦୀଶଯ୍ୟା ଖନନ ଓ ବାଲି ଉତ୍ତୋଳନ ଯୋଗୁ ନଦୀପାର୍ଶ୍ୱସ୍ଥ ଗାଁଗୁଡିକ ନଦୀର ଆଁ ଭିତରକୁ ଯିବାକୁ ବସିଥିବା ବେଳେ ଧନଜୀବନ ସୁରକ୍ଷା ଲାଗି ଗ୍ରାମବାସୀ ସରକାରଙ୍କଠାରେ ଦାବି କରିଛନ୍ତି। ଏଭଳି ସ୍ଥିତିରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୁବର୍ଣ୍ଣରେଖା ନଦୀ ପାର୍ଶ୍ୱସ୍ଥ ମନୁନଗର ଗାଁ ନଦୀଘାଟରୁ ଶନିବାର ଅପରାହ୍ନରେ ୪ ନୌକା ଦ୍ୱାରା ବେଆଇନ ବାଲି ଉତ୍ତୋଳନ କରାଯାଉଥିବା ବେଳେ ଗ୍ରାମବାସୀ ମିଳିତ ହୋଇ ଡ଼ଙ୍ଗାଗୁଡିକୁ କାବୁ କରିବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ଗ୍ରାମବାସୀଙ୍କ ସହିତ ବାଲି ଚାଲାଣକାରୀଙ୍କ ଧସ୍ତାଧସ୍ତି ହୋଇଥିବା ଅଭିଯୋଗ ହୋଇଛି। ୨୫ ବାଲି ଉତ୍ତୋଳନକାରୀ ଯୁବକଙ୍କ ମାଡ଼ରେ ୫ରୁ ଅଧିକ ଗ୍ରାମବାସୀ ଆହତ ହୋଇଛନ୍ତି। ଗ୍ରାମବାସୀ ସଂଘବଦ୍ଧ ଭାବେ ୩ ନୌକା ସହ କେତେକ ଯୁବକଙ୍କୁ କାବୁ କରିଥିବା ବେଳେ ଗୋଟିଏ ନୌକା ନଦୀରୁ ଖସିଯାଇଛି। ବାଲି ଉତ୍ତୋଳନକାରୀ କେତେକ ଯୁବକଙ୍କୁ ଗ୍ରାମବାସୀ ଅଟକ ରଖି କମର୍ଦ୍ଦା ଥାନାକୁ ଖବର ଦେଇଥିଲେ। କମର୍ଦ୍ଦା ଥାନା ପୋଲିସ ଘଟଣାସ୍ଥଳକୁ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସମୟରେ ବାଲି ଉତ୍ତୋଳନକାରୀ ଯୁବକମାନେ କୌଶଳ କ୍ରମେ ସେଠାରୁ ଚମ୍ପଟ ମାରିଥିଲେ। କାର୍ଯ୍ୟାନୁଷ୍ଠାନ ଦାବିକରି ଗ୍ରାମବାସୀ ପୋଲିସ ଗାଡିଆଗରେ ବସିପଡି ନ୍ୟାୟ ନିମନ୍ତେ ଅଡ଼ି ବସିରହିବାରୁ ସ୍ଥିତି କ୍ରମଶଃ ଜଟିଳ ହୋଇ ପଡିଥିଲା। କମର୍ଦ୍ଦା ପୋଲିସ ଅଧିକାରିଣୀ ସହ ପୋଲିସ ବାହିନୀ ଗ୍ରାମବାସୀଙ୍କ ସହିତ ଆଲୋଚନା ଓ ପ୍ରତିଶ୍ରୁତି ପରେ ଗ୍ରାମବାସୀ ଶାନ୍ତ ପଡ଼ିଥିଲେ। ପୋଲିସ ୩ଟି ଡ଼ଙ୍ଗାକୁ ଜବତ କରି କମର୍ଦ୍ଦା ଥାନାକୁ ଟାଣି ଆଣିବା ସହିତ ଗ୍ରାମବାସୀଙ୍କ ଅଭିଯୋଗକ୍ରମେ ପ୍ରାଥମିକ ତଦନ୍ତ ଜାରି ରଖିଥିବା ପୋଲିସ ସୂଚନା ଦେଇଛି।



ପୋଲିସ ଗାଡି ଆଗରେ ଗ୍ରାମବାସୀ ବିକ୍ଷୋଭ କରୁଛନ୍ତି।

## ଶ୍ରୀରାମ ସେନା ପକ୍ଷରୁ ରାମ ନବମୀ ପାଳିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ରସାଲପୁର, ୨୮।୩(ଶରତ ସାମଲ)

ବାଲେଶ୍ୱର ସହର ଉପକଣ୍ଠ କୁରୁଡ଼ାସ୍ଥିତ ହରିଡ଼ା ଖେଳ ପଡ଼ିଆରେ ରାମନବମୀ ଉପଲକ୍ଷେ ୨ଦିନ ବ୍ୟାପୀ ରାମନବମୀ ଶ୍ରୀରାମ ସେନା ପକ୍ଷରୁ ପାଳିତ ହୋଇଯାଇଛି। ଏଥିରେ ସରକାରୀ ଉପ-ମୁଖ୍ୟସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ସାମାଜିକ କର୍ମୀ ପ୍ରଭାତ କୁମାର ପରିଡ଼ା, ଖାନନଗର ସରପଞ୍ଚ ଅଞ୍ଜନ ନାୟକ, ଆଇନଜୀବୀ ପ୍ରଦୀପ ଦାସ, ୱାର୍ଡମେମ୍ବର କରୁଣାକର ନାୟକ ପ୍ରମୁଖ ଯୋଗଦେଇ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ ଶ୍ରୀରାମ ସେନା ପକ୍ଷରୁ ଶ୍ରୀରାମଚନ୍ଦ୍ରଙ୍କ ମୂର୍ତ୍ତି ନିର୍ମାଣ କରି ପୂଜାର୍ଚ୍ଚନା କରାଯିବା ସହିତ ଭଜନ ସନ୍ଧ୍ୟା ଏବଂ ପ୍ରସାଦସେବନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ହରିଡ଼ା ଗ୍ରାମର ଯୁବକ ଅଜୟ ନାୟକ, ରାଜା ସେଠର, ସିପୁନ ନାୟକ, ବରୁଣ ମିଶ୍ର, ତନ୍ମୟ ବୁରୁଡ଼ାଇ, ରତନ ନାୟକଙ୍କ ସମେତ ବହୁ ଯୁବକ ସହଯୋଗ କରିଥିଲେ।

## 'ସଂସ୍କାର ନ ଥିଲେ ଶିକ୍ଷା ମୂଲ୍ୟହୀନ'

ସୋର, ୨୮।୩(ଜନ୍ମେଜୟ ମିଶ୍ର)

ସୋର ମ୍ୟୁନିସିପାଲଟି ଅଧୀନ ମାଟିଆପଲା ଛକ, ଈଶ୍ୱରପୁରଠାରେ ଥିବା ଭାରତୀୟ ବିଦ୍ୟା ନିକେତନର ୨୨ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ମହେନ୍ଦ୍ର ପ୍ରସାଦ ପାତ୍ର ସଭାପତିତ୍ୱ କରିଥିଲେ। ସଂସ୍କାର ନ ଥିଲେ ଶିକ୍ଷା ମୂଲ୍ୟହୀନ ଅଟେ। ଏଥିପାଇଁ ଶିଶୁର ମାତାପିତା ଓ ପରେ ବିଦ୍ୟାଳୟ ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ସୋର ଉପେନ୍ଦ୍ର ନାଥ ମହାବିଦ୍ୟାଳୟ ଅଧ୍ୟକ୍ଷ ମନୋଜ କୁମାର ମହାନ୍ତି ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ରାଜେନ୍ଦ୍ର କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ସୋର ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଅଞ୍ଜଳି ମହାପାତ୍ର, ସୋର ପୁରୁବାଇ କନ୍ୟାଶ୍ରମର ସମ୍ପାଦିକା ସୁମତି ମହାନ୍ତି, ସମ୍ମାନିତ ବକ୍ତା ଭାବେ ଗୌରୀଶଙ୍କର ଘଡ଼େଇ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରଧାନଆଚାର୍ଯ୍ୟ ଅନନ୍ତ କୁମାର ପାଢ଼ୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମ୍ପାଦକ ଜନ୍ମେଜୟ ମିଶ୍ର ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ବିଭିନ୍ନ ପ୍ରତିଯୋଗିତା ପୁରସ୍କୃତ କରାଯାଇଥିଲା। ଗୁରୁଜୀ ଚନ୍ଦନ କୁମାର ଦାସ ଧନ୍ୟବାଦ ଦେଇ ଥିଲେ।




ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

## ଜିଲା ମୁଖ୍ୟ ଡାକ୍ତରଖାନାରେ ଅଗ୍ନିଶମ ବିଭାଗର ମକ୍‌ଡ୍ରିଲ



ଅଗ୍ନିଶମ ବିଭାଗର ସଚେତନତାମୂଳକ ପ୍ରଦର୍ଶନ।

ବାଲେଶ୍ୱର, ୨୮।୩(ମୃତ୍ୟୁଞ୍ଜୟ ପଟ୍ଟନାୟକ)

କଟକ ଏସ୍‌ସିବି ମେଡିକାଲ କଲେଜରେ ଅଗ୍ନିକାଣ୍ଡଜନିତ ଦୁର୍ଘଟଣା ଘଟିବା ପରେ ରାଜ୍ୟର ସମସ୍ତ ସରକାରୀ ଚିକିତ୍ସାଳୟରେ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିର୍ବାପକ ଯନ୍ତ୍ରର ଯାଞ୍ଚ କରାଯିବା ସହ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ପ୍ରକାର ଅଗ୍ନି ନିର୍ବାପକ କୌଶଳ ପ୍ରଦର୍ଶନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶନିବାର ବାଲେଶ୍ୱର ଜିଲା ମୁଖ୍ୟ ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତି ବିଭାଗ ସମ୍ମୁଖରେ ସ୍ଥାନୀୟ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିର୍ବାପକ ପାଇଁ ବିଭିନ୍ନ ଉପାୟ ଓ କୌଶଳ ଉପରେ ପ୍ରଦର୍ଶନ କରାଯାଇଥିଲା। ଅଗ୍ନିକାଣ୍ଡ ଘଟିବାର ପ୍ରାଥମିକ ଅବସ୍ଥାରେ ନିଆଁକୁ ନିୟନ୍ତ୍ରଣ କରାଯାଇ ଲୋକଙ୍କୁ କେମିତି ଉଦ୍ଧାର କରାଯିବ ଏବଂ ରୋବୋଟିକ ମନିଟର ଓ ଅନ୍ୟ ହାଇଡ୍ରାଲିକ ରେସ୍କ୍ୟୁ ଟୁଲ ବ୍ୟବହାର କରାଯାଇ ଅଗ୍ନି ନିର୍ବାପକ କରାଯାଇପାରିବ, ତାହା ଉପରେ ପ୍ରଦର୍ଶନ କରାଯାଇଥିଲା। ଜିଲା ମୁଖ୍ୟ ଡାକ୍ତରଖାନାରେ ଏହି ପ୍ରଦର୍ଶନ ହେଉଥିବା ବେଳେ ଡାକ୍ତର, ନର୍ସ ଓ ୱାର୍ଡ ଆଟେଣ୍ଡାଣ୍ଟମାନେ ଉପସ୍ଥିତ ଥିଲେ। ଏଏଫ୍‌ଓ ସମୀର କୁମାର ବିଶ୍ୱାଳ ଓ ଷ୍ଟେଶନ ଅଫିସର ବିଶ୍ୱଜିତ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଧରାପଡ଼ିଲା ଏଚ୍‌ଡିଏଫ୍‌ସି ଜୀବନ ବୀମା କମ୍ପାନୀର ଚଞ୍ଚକତା

**ଅଭିଯୋଗ ପରେ ଟଙ୍କା ଫେରାଇଲା କମ୍ପାନୀ**

ବସ୍ତା, ୨୮।୩(ହରିଶଙ୍କର ପାଢ଼ୀ)

ବାଲେଶ୍ୱର ଜିଲା ସିଂଲା ଥାନା ସିଂଲା ଅଞ୍ଚଳର ଜଣେ ବ୍ୟକ୍ତି ବର୍ଷକୁ ଏକମାତ୍ର କିସ୍ତି ଥାଇ ବୀମା କିଣିଥିବା ବେଳେ ଏଚ୍‌ଡିଏଫ୍‌ସି ଜୀବନ ବୀମା କମ୍ପାନୀ ଚଞ୍ଚକତା କରି ଆକାଉଣ୍ଟଧାରୀଙ୍କ ଅଜାଣତରେ ଆକାଉଣ୍ଟରୁ ନେଇଛି ଲକ୍ଷାଧିକ ଟଙ୍କା। ଯାହାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

ସୂଚନା ଅନୁସାରେ, ସିଂଲା ଅଞ୍ଚଳର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ରଘୁନାଥ ଲେଙ୍କା ୨୦୨୪ ଡିସେମ୍ବର ୧୨ରେ ଏଚ୍‌ଡିଏଫ୍‌ସି ଜୀବନ ବୀମା କମ୍ପାନୀରୁ ବର୍ଷକୁ ୫ ଲକ୍ଷ ଟଙ୍କା ଦେଇ ୧୨ ବର୍ଷ ପାଇଁ ଏକ ପଲିସି କିଣିଥିଲେ। ପଲିସି ନମ୍ବର: -୨୮୪୬୧୦୮୫ରେ ବର୍ଷକୁ ଏକକାଳୀନ ଅର୍ଥାତ ୧୨ ଡିସେମ୍ବର ୨୫ରେ କିସ୍ତି ଦେବାକୁ ଥିବା ବେଳେ ପଲିସିଧାରୀ ରଘୁନାଥ ଜରୁରୀକାଳୀନ ଚିକିତ୍ସା କାରଣରୁ ନିର୍ଦ୍ଧାରିତ ସମୟରେ କିସ୍ତି ଟଙ୍କା ଦେଇ ପାରି ନ ଥିଲେ। ଜରୁରୀକାଳୀନ ଚିକିତ୍ସା ପାଇଁ ଆକାଉଣ୍ଟରେ ୩ ଲକ୍ଷ ଟଙ୍କା ଥିଲା। ହେଲେ କମ୍ପାନୀ କର୍ତ୍ତୃପକ୍ଷ ଚଞ୍ଚକତା କରି କୌଣସି ପୂର୍ବ ସୂଚନା, ସମ୍ମତି କିମ୍ବା ଅନୁମତି ବିନା ପ୍ରିମିୟମ୍ ପରିମାଣ ସ୍ୱୟଂଚାଳିତ ଭାବରେ ପରିବର୍ତ୍ତନ କରାଗଲା ଏବଂ ପଲିସିଧାରକ ରଘୁନାଥ ଲେଙ୍କାଙ୍କ ଆକାଉଣ୍ଟରୁ ଗତ ମାର୍ଚ୍ଚ ୬ ରେ ୧,୩୦,୦୦୦ ପରିମାଣ ସ୍ୱୟଂଚାଳିତ ଭାବରେ କାଟି ଦିଆଯାଇଥିଲା। ଏହାକୁ ନେଇ ଲେଙ୍କାଙ୍କ ମାନସିକ ସ୍ଥିତି ବିଗିଡ଼ିବା ସହିତ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ିବାରେ ଲାଗଥିଲା। ସେ ବାରମ୍ବାର ଏଚ୍‌ଡିଏଫ୍‌ସି ବୀମା ଅଧିକାରୀଙ୍କ ସହ ଯୋଗାଯୋଗ କରି ବିଫଳ ହୋଇଥିଲେ। ତେବେ ଗତ ମାର୍ଚ୍ଚ ୧୨ ତାରିଖରେ ବୀମା କମ୍ପାନୀକୁ ସେ ମେଲ୍ ମାଧ୍ୟମରେ ଏ ସମ୍ପର୍କରେ ଜଣାଇଥିଲେ। ଯେଉଁମାନେ ଏହି ଠକେଇରେ ଜଡ଼ିତ ଅଛନ୍ତି ଓ ସେମାନଙ୍କୁ କମ୍ପାନୀ ପ୍ରୋତ୍ସାହନ ଦେଇଆସୁଥିବାରୁ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି ସହ ସେ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଥିଲେ। ମେଲ କରିବାର ୨ଦିନ ମଧ୍ୟରେ କମ୍ପାନୀ କର୍ତ୍ତୃପକ୍ଷ ଅଭିଯୋଗକୁ ବିଚାର କରି ୩ଟି କିସ୍ତିରେ ସମସ୍ତ ଟଙ୍କା ଫେରାଇ ଦେଇଥିଲେ। ଏଜେଣ୍ଟ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି।

## 'ଅସ୍ତ ହେଲେ ବି ଉଜ୍ଜ୍ୱଳ ରହିବେ ଦିବାକର'

ତିହିଡ଼ି,୨୮।୩(ସଞ୍ଜିତ ବଳ)

ଅସ୍ତ ହୋଇସାରିଛନ୍ତି ଦିବାକର। ହେଲେ ତାଙ୍କ ତ୍ୟାଗ ଓ ଭଲ କର୍ମ ପାଇଁ ସେ ସବୁବେଳେ ଉଜ୍ଜ୍ୱଳ ହୋଇ ରହିବେ ବୋଲି ଭାଟପଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ତିହିଡ଼ି ମେଳଣ କମିଟିର ପ୍ରତିଷ୍ଠାତା ସ୍ୱର୍ଗତ ଦିବାକର ନାୟକଙ୍କ ଦ୍ୱାଦଶାହ ଅବସରରେ ଶନିବାର ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ତିହିଡ଼ି ଗ୍ରାମରେ ଆୟୋଜିତ ସଭାରେ ମେଳଣ କମିଟି ଉପସଭାପତି ପାର୍ଥସାରଥୀ ନାୟକ ପୌରୋହିତ୍ୟ କରିଥିଲେ। ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ପୂର୍ବତନ ମନ୍ତ୍ରୀ ନେତ୍ରାନନ୍ଦ ମଲିକ, ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଡ.ଲକ୍ଷ୍ମୀଧର ତ୍ରିପାଠୀ, ଶିକ୍ଷାବିତ୍ ସୋମନାଥ ପାଢ଼ୀ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ରଘୁନାଥ ପାତ୍ର, ଏମ୍‌ପିଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ଜିଲା ପରିଷଦ ସଭ୍ୟ ଅମୂଲ୍ୟ କୁମାର ମାଝୀ, ବିଜେଡି ନେତା ଦୁର୍ଗାଦତ୍ତ ରାଉତରାୟ, ବ୍ଲକ କଂଗ୍ରେସ ସଭାପତି ସରୋଜ କୁମାର ଦାସ, କଂଗ୍ରେସ ନେତା ସତ୍ୟାନନ୍ଦ ରାଉତ, ମେଳଣ କମିଟି ସମ୍ପାଦକ ସଚିକାନ୍ତ ନାୟକ, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରବୀର ନାୟକ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ଭାଜପା ମଣ୍ଡଳ ସଭାପତି କେଶବ ବେହେରା, ପୂର୍ବତନ ସରପଞ୍ଚ ଗଜେନ୍ଦ୍ର ପରିଡ଼ା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ସ୍ମୃତିଚାରଣ କରିଥିଲେ। ମଦନ ମୋହନ କର ବେଦପାଠ ଓ ବାପୁଜୀ ନାୟକ କୃତଜ୍ଞତା ଜ୍ଞାପନ କରିଥିଲେ। ବିଷ୍ଣୁଚନ୍ଦ୍ର ଦାସ, ଅଭୟ ନାୟକ, କଳ୍ପନା ନାୟକ, ବାସନ୍ତୀ ନାୟକ, ବିଶ୍ୱଜିତ ନାୟକ ପ୍ରମୁଖ ସହଯୋଗ କରିଥିଲେ।



ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ।

## ବିଦାୟକାଳୀନ ସମ୍ବର୍ଦ୍ଧନା, ବାର୍ଷିକୋତ୍ସବ

ବନ୍ତ,୨୮।୩(କିଶୋର କୁମାର ସେଠୀ): ବନ୍ତ ବ୍ଲକ ରାମକୃଷ୍ଣପୁର ପଞ୍ଚାୟତ ବାଲୁକେଶ୍ୱର ସରକାରୀ ଉ.ପ୍ରା. ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସୁଧୀର କୁମାର ରାଉତଙ୍କୁ ଗୁରୁବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯିବା ସହ ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅନିରୁଦ୍ଧ ମଙ୍ଗଳ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଭାସ୍କର ଚନ୍ଦ୍ର ପାଢ଼ୀ, ମୁଖ୍ୟବକ୍ତା ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ପରିଡ଼ା, ଅନ୍ୟତମ ଅତିଥି ଭାବେ ସରପଞ୍ଚ ହିରେନ୍ଦ୍ର ଖିଲାର, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସନ୍ତୋଷ କୁମାର ମଲ୍ଲିକ, ଶିକ୍ଷାବିତ୍ ପଦ୍ମନାଭ ବିଦ୍ଧାଣୀ, ପୂର୍ବତନ ଏବିଇଓ ନିଗମାନନ୍ଦ ମିଶ୍ର, ପରିଚାଳନା କମିଟି ସଭାପତି କାହ୍ନୁଚରଣ ସେଠୀ, ସମିତିସଭ୍ୟା ଜେମାମଣୀ ସେଠୀ, ୱାର୍ଡସଭ୍ୟା ଅହଲ୍ୟା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ବନ୍ତ ଓପିଟିଏ ସଭାପତି ସୁକାନ୍ତ କୁମାର ବେହେରା ମଞ୍ଚ ସଞ୍ଚାଳନ କରିଥିଲେ। ଶିକ୍ଷକ ନରେନ୍ଦ୍ର କୁମାର ସାହୁ ଅତିଥି ପରିଚୟ ପ୍ରଦାନ, ଶିକ୍ଷୟିତ୍ରୀ ମୋନାଲିସା ନାୟକ ବାର୍ଷିକ ବିବରଣୀ ପାଠ ଓ ପ୍ରକାଶ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ପରିଚାଳନା କମିଟି ସଦସ୍ୟ, ଅଭିଭାବକ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ମହାବୀରଙ୍କ ମନ୍ଦିର ପ୍ରତିଷ୍ଠା

ବାସୁଦେବପୁର,୨୮।୩(କାଳିପଦ ରାୟ)

ବାସୁଦେବପୁର ବ୍ଲକ ଲକ୍ଷ୍ମୀଦାସପୁର ପଞ୍ଚାୟତର ରାମଚନ୍ଦ୍ରପୁରଠାରେ ମହାବୀରଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ୧୦୮ କଳସ ଶୋଭାଯାତ୍ରା ସହ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଛି। ଶନିବାର ହନୁମାନ ଚାଳିଶା ପାଠ ଓ ଗୀତା ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୂଜା କମିଟି ସଭାପତି ହରିହର ନାୟକ, ସମ୍ପାଦକ ଅଭିମନ୍ୟୁ ମହାକୁଡ଼, ସଦସ୍ୟ ଭାଗବତ ନାୟକ, ପ୍ରକାଶ ନାୟକ, ବ୍ରଜକିଶୋର ଦାସ, ସନ୍ତୋଷ ପଲେଇ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ଅସୁରାଳିରେ ଶ୍ରୀରାମ ବିଜୟା ଦଶମୀ

ଅସୁରାଳି,୨୮।୩(ସନ୍ତୋଷ ସାହୁ)

ଭଦ୍ରକ ଜିଲା ଅସୁରାଳି ମଣ୍ଡଳ ରାମ ସେନା ପକ୍ଷରୁ ସ୍ଥାନୀୟ ହତିଆପଡ଼ା ପଡ଼ିଆରେ ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ପାଳନ ହେଉଛି। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ମହୋତ୍ସବ ସୋମବାର ପର୍ଯ୍ୟନ୍ତ ଚାଲିବ। ପ୍ରତି ସନ୍ଧ୍ୟାରେ ପ୍ରବଚନ ଓ ଭକ୍ତି ସଙ୍ଗୀତ ପରିବେଷଣ ହେଉଛି। ବିଶେଷ କରି ତ୍ରିଦଣ୍ଡି ସ୍ୱାମୀ ଭକ୍ତିବଲ୍ଲଭ ଆଚାର୍ଯ୍ୟ ମହାରାଜଙ୍କ ଆଧାତ୍ମିକ ବାଣୀ ଶୁଣିବା ପାଇଁ ସନ୍ଧ୍ୟାରେ ଲୋକଙ୍କ ଭିଡ଼ ଜମୁଛି। ଚିତ୍ତରଞ୍ଜନ ମହାନ୍ତି, ରଜତ ଲେଙ୍କା, ପ୍ରତାପ ପରିଡ଼ା, ସୂରଜ ସାହୁ, ରାଜେନ୍ଦ୍ର ସାହୁ, କ୍ଷୀରୋଦ ସ୍ୱାଇଁ, ଖବରଦାତା କାଳନ୍ଦୀ ବେହେରା, ସନ୍ତୋଷ ସାହୁ, ଲକ୍ଷ୍ମୀଧର ରାଉଳ ପ୍ରମୁଖ ପରିଚାଳନା କରୁଛନ୍ତି।



ହତିଆପଡ଼ା ପଡ଼ିଆ ପୂଜା ମଣ୍ଡପ।

## ଧୁମ୍‌ଧାମ୍‌ରେ ପାଳିତ ମା' ବାସନ୍ତୀ ଦୁର୍ଗାଙ୍କ ପୂଜା



ଧୁଷୁରୀ,୨୮।୩(ଦୀପ୍ତି ରଞ୍ଜନ ନାୟକ): ଚାନ୍ଦବାଲି ବ୍ଲକ ଓ ଧାମନଗର ବ୍ଲକର ବିଭିନ୍ନ ସ୍ଥାନରେ ଗତ ମଙ୍ଗଳବାରଠାରୁ ବିଲ୍ୱ ବରଣୀରୁ ଆରମ୍ଭ ହୋଇଥିବା ମା' ବାସନ୍ତୀ ଦୁର୍ଗାପୂଜା ଶନିବାର ଦଶହରା ଯାଏ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଚାନ୍ଦବାଲି ବ୍ଲକର ଦୋହରାପାଟଣା ଓ ନାନ୍ଦପୁର, ଧାମନଗର ବ୍ଲକର ବେତାଳିଗାଁ ବଜାର ଓ ଧୁଷୁରୀ ବାସନ୍ତୀ ପଡ଼ିଆରେ ମା' ବାସନ୍ତୀ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପ୍ରତିଷ୍ଠା କରାଯାଇ ୫ଦିନ ଧରି ପୂଜାର୍ଚ୍ଚନା ସାଙ୍ଗକୁ ପୁରୋହିତଙ୍କ ଚଣ୍ଡୀପାଠ ଓ ମନ୍ତ୍ରଧ୍ୱନି ପରିବେଶକୁ ଭକ୍ତିମୟ କରିଥିଲା। ସମସ୍ତ ସ୍ଥାନରେ ସନ୍ଧ୍ୟାରେ ପ୍ରବଚନ ସହ ପାଲା ପରିବେଷଣ ଦର୍ଶକଙ୍କୁ ବାନ୍ଧି ରଖୁଥିଲା। ପୂଜା ମଣ୍ଡପରେ କୁଷ୍ମାଣ୍ଡ ଫଳ ମା'ଙ୍କୁ ଅର୍ପଣ କରାଯାଇଥିଲା। ସବୁ ପୂଜା ମଣ୍ଡପରେ ମା'ଙ୍କୁ ବିସର୍ଜନ କରାଯାଇଛି। ଅପେରା ପ୍ରଦର୍ଶନ ପରେ ମା'ଙ୍କୁ ନଦୀରେ ବିଦାୟ ଦିଆଯିବ ବୋଲି କମିଟିର ସଦସ୍ୟମାନେ କହିଛନ୍ତି।

## ମଣିନାଥପୁର ନାଟ୍ୟ ମହୋତ୍ସବ ଉଦ୍‌ଯାପିତ



ମହୋତ୍ସବରେ ଅତିଥି ବକ୍ତବ୍ୟ ରଖୁଛନ୍ତି।

ଭଣ୍ଡାରିପୋଖରୀ,୨୮।୩(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ମଣିନାଥପୁର ନାଟ୍ୟ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ଗୋପୀନାଥଜୀଉ ଯୁବ ନାଟ୍ୟ ପରିଷଦ ଆନୁକୂଲ୍ୟରେ ଆୟୋଜିତ ମହୋତ୍ସବକୁ ଗୁରୁବାର ସନ୍ଧ୍ୟାରେ ସାମାଜିକ କର୍ମୀ ଉମାକାନ୍ତ ବେଉରିଆ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ଅନାଦି ଚରଣ ସାହୁ ମୁଖ୍ୟବକ୍ତା, ନାଟ୍ୟ ନିର୍ଦ୍ଦେଶକ ଅକ୍ଷୟ କୁମାର ଭାରତୀ, ଯଦୁମଣି ସାମଲ, ବ୍ରଜକିଶୋର ମଲ୍ଲିକ, ଗଜେନ୍ଦ୍ର ଦାସ, ଅରବିନ୍ଦ ନାୟକ, ସୁଶାନ୍ତ ବରାଳ ଓ ଭୋଳାନାଥ ବାରିକ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଦିବଂଗତ ନାଟ୍ୟ ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ନାୟକ ଓ ବରିଷ୍ଠ ନାଗରିକ ଖଗେଶ୍ୱର ସାମଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିସହ ଗ୍ରାମର ନାଟ୍ୟ ପରମ୍ପରାକୁ ବଜାୟ ରଖିଥିବା ଯୁବ କଳାକାରଙ୍କୁ ଅତିଥିମାନେ ଉତ୍ସାହିତ କରିଥିଲେ। ନିର୍ଦ୍ଦେଶକ ଭାରତୀଙ୍କ ନିର୍ଦ୍ଦେଶନାରେ 'ଆଖିର କୋହକୁ ଦେଖିଛି କିଏ' ଓ 'ଜହ୍ନ ରାତିରେ ଝଡ଼' ନାଟକ ଗ୍ରାମ୍ୟ କଳାକାରଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ଖବରଦାତା ବିଶ୍ୱମ୍ବର ରାଉତ ସଂଯୋଜନା କରିଥିଲେ। ନାଟ୍ୟ ପରିଷଦ ସଭାପତି ଅଜୟ ମହାଲିକ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ବିବେକାନନ୍ଦ ମଲ୍ଲିକ, ସହସମ୍ପାଦକ ରାଜକିଶୋର ସାମଲ, ଉପସଭାପତି ନରେନ୍ଦ୍ର ଦାସ, କୋଷାଧ୍ୟକ୍ଷ ସନ୍ତୋଷ ସେଠୀ ପ୍ରମୁଖଙ୍କ ସମେତ ଗ୍ରାମବାସୀ ମହୋତ୍ସବ ପରିଚାଳନା କରିଥିଲେ।

## ବିଦ୍ୟାଳୟ ଫାଟକରେ ତାଲା, ଶିକ୍ଷାଦାନ ବାଧାପ୍ରାପ୍ତ

**ମଧ୍ୟାହ୍ନଭୋଜନ ବକେୟା ପ୍ରାପ୍ୟ ନ ମିଳିବା ଘଟଣା**

ବାସୁଦେବପୁର,୨୮।୩
(ନାରାୟଣ ପ୍ରସାଦ ବାରିକ୍)

ମଧ୍ୟାହ୍ନଭୋଜନ ବକେୟା ପ୍ରାପ୍ୟ ପାଇ ନ ଥିବା ଅଭିଯୋଗ ଆଣି ଏକ ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ଶନିବାର ବାସୁଦେବପୁର ବ୍ଲକ ବରଣ୍ଡୁଆ ପଞ୍ଚାୟତ କାମିନୀ କୁମାରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଫାଟକରେ ତାଲା ପକାଯାଇଥିବାରୁ ୩/୪ ଘଣ୍ଟା ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ ଶିକ୍ଷକ ବିଦ୍ୟାଳୟକୁ ସକାଳେ ଆସିବା ପୂର୍ବରୁ ତାଲା ପଡ଼ିଥିବାରୁ ସେମାନେ ଭିତରକୁ ଯାଇ ନ ପାରି ଗେଟ୍ ଆଗରେ ଅଟକି ରହିଥିଲେ। ଉକ୍ତ ବିଦ୍ୟାଳୟର ମଧ୍ୟାହ୍ନଭୋଜନ ଦାୟିତ୍ୱରେ ପୂର୍ବରୁ ରହିଥିବା ଏକ ସ୍ୱୟଂସହାୟକ ଗୋଷ୍ଠୀ ବକେୟା ପ୍ରାପ୍ୟ ପାଇନାହିଁ। ବକେୟା ପ୍ରାପ୍ୟ ପାଇବା ଦାବିରେ ଗୋଷ୍ଠୀ ପକ୍ଷରୁ ସ୍କୁଲ ଫାଟକରେ ତାଲା ପକାଯାଇଥିବା ବେଳେ ଏହି ଘଟଣାକୁ ଗ୍ରାମବାସୀ ଓ ଅଭିଭାବକମାନେ ବିରୋଧ କରିଥିଲେ। ତାଲା ଖୋଲିବାକୁ ସେମାନେ ଦାବି କରିଥିଲେ। ଏହାକୁ ନେଇ ସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ବାସୁଦେବପୁର ପୋଲିସ ପହଞ୍ଚି ଗ୍ରାମବାସୀ ଓ ଗୋଷ୍ଠୀର ମହିଳାମାନଙ୍କୁ ବୁଝାଶୁଝା କରିଥିଲା। ପରେ ଫାଟକ ଖୋଲାଯିବାରୁ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ବିଦ୍ୟାଳୟକୁ ପ୍ରବେଶ କରିଥିଲେ। ଏନେଇ ପ୍ରଧାନଶିକ୍ଷକ ଜଗବନ୍ଧୁ ଜେନା କହିଛନ୍ତି, ଉକ୍ତ ଗୋଷ୍ଠୀ ବକେୟା ପ୍ରାପ୍ୟ ପାଇବା ନେଇ ଶିକ୍ଷା ବିଭାଗ ତଦନ୍ତ କରୁଛି। ତେବେ ବିଦ୍ୟାଳୟ ଫାଟକରେ ତାଲା ପକାଇଲେ ସମସ୍ୟା ସମାଧାନ ହେବନାହିଁ।

## ସଂକ୍ଷେପରେ

### ହଷ୍ଟେଲ ୱାର୍ଡେନଙ୍କୁ ହତ୍ୟା ଘଟଣା: ୨ ଅଟକ

ବୈଶିଙ୍ଗା,୨୮।୩(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅର୍ନ୍ତଗତ କଳମା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୱାର୍ଡେନଙ୍କୁ ବିଭତ୍ସ ହତ୍ୟାକାଣ୍ଡ ଘଟଣାରେ ଶନିବାର ପୋଲିସକୁ ସଫଳତା ମିଳିଛି। ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅଭିଯୁକ୍ତ ଦ୍ୱୟ ସମ୍ପୃକ୍ତ ବିଦ୍ୟାଳୟ ନିକଟସ୍ଥ କଲୋନୀ ସାହିର ବୋଲି ପୋଲିସ କହିଥିଲେ ହେଁ ନାମ ପ୍ରକାଶ କରିନାହିଁ। ସୂଚନାଯୋଗ୍ୟ, ଗତ ୨୧ ତାରିଖ ଶୁକ୍ରବାର ରାତି ୯ଟାରେ ଆବାସିକ ବିଦ୍ୟାଳୟର ୱାର୍ଡେନ ଧନାପାଳ ଗ୍ରାମର ସନ୍ୟାସୀ ଦାସ, ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ରାଉତ ବାଇକ୍ ଯୋଗେ ନିକଟସ୍ଥ କ୍ଲିନିକକୁ ଯାଉଥିଲେ। ବାଟରେ କେତେ ଜଣ ଦୁର୍ବୃତ୍ତ ଅନ୍ଧାର ସୁଯୋଗରେ ଠେଙ୍ଗା ଓ ଛୁରିରେ ମରଣାନ୍ତକ ଆକ୍ରମଣ କରିଥିଲେ। ସେମାନଙ୍କ ବାଇକ୍ ଓ ଭ୍ୟାନିଟି ଛଡ଼ାଇ ନେଇ କିଛି ଦୂରରେ ଫିଙ୍ଗି ଚମ୍ପଟ ମାରିଥିଲେ। ଘଟଣାରେ ଉଭୟ ଗୁରୁତର ହୋଇଥିବା ବେଳେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସନ୍ୟାସୀଙ୍କ ମୃତ୍ୟୁ ଘଟିଥିଲା। ହତ୍ୟାକାଣ୍ଡ ଘଟଣାକୁ ଏକ ଚୋରି ଛିନ୍‌ତାଇ ମାମଲାର ରୂପ ଦେବାକୁ ଦୁର୍ବୃତ୍ତ ଉଦ୍ୟମ କରିଥିଲେ। ମାତ୍ର ପୋଲିସ ତଦନ୍ତ ଜାରି ରଖିଥିଲା। ଥାନା ଅଧିକାରୀ ବାରିଣୀ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଶୁକ୍ରବାର ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସମ୍ପୃକ୍ତ ବିଦ୍ୟାଳୟ ନିକଟସ୍ଥ କଲୋନୀ ସାହିର ୨ ଯୁବକଙ୍କୁ ଉଠାଇ ଆଣିଥିଲା। ଅଭିଯୁକ୍ତଙ୍କୁ ପଚରାଉଚରା ଜାରି ରହିଥିବା ବେଳେ ତଦନ୍ତରେ ବାଧା ଉପୁଜିବା ସନ୍ଦେହରେ ପୋଲିସ ଅଧିକ ସୂଚନା ଦେଇନାହିଁ।

### ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ଗୋପବନ୍ଧୁ ନଗର,୨୮।୩
(ଶାନ୍ତନୁ କୁମାର ମଣ୍ଡୁଆଳ)

ମୟୂରଭଞ୍ଜ ଜିଲା ଉଦଳା– ବାରିପଦା ରାଜ୍ୟ ରାଜପଥର ଟିଁଆ ଛକସ୍ଥିତ ପେଟ୍ରୋଲ ଟାଙ୍କି ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖୁଣ୍ଟା ଥାନା ଅଧୀନ ବାହାନଡା ପଞ୍ଚାୟତ କଡାଡିହା ଗ୍ରାମର ନଗେନ ମୁର୍ମୁ (୨୩)। ସୂଚନା ଅନୁଯାୟୀ, ନଗେନ ସ୍କୁଟିରେ ଶ୍ୱଶୁର ଘର ବାଲିମୁଣ୍ଡିକୁ ଯାଉଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ବାରିପଦା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନଗେନଙ୍କ ବାପା ଭଗବାନ ମୁର୍ମୁଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### କୁଆମରା ଫାଣ୍ଡିରେ ଅଷ୍ଟପ୍ରହର

ଗୋପବନ୍ଧୁ ନଗର,୨୮।୩(ଶାନ୍ତନୁ ମଣ୍ଡୁଆଳ)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା କୁଆମରା ଫାଣ୍ଡିରେ ଶନିବାର ଅଷ୍ଟପ୍ରହରୀ ନାମଯଜ୍ଞ ସହ ତୁଳସୀ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଛି। ମୁଖ୍ୟ ପୁରୋହିତ ରଶ୍ମି ରଞ୍ଜନ ହୋତା ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। କର୍ତ୍ତାଭାବେ ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ଓ ତାଙ୍କ ଧର୍ମପତ୍ନୀ କାର୍ଯ୍ୟ ତୁଲାଇଥିଲେ।

### ନବ ଦିନାତ୍ମକ ବାସନ୍ତୀ ଦୁର୍ଗାପୂଜା ସମାପିତ



ବୈଶିଙ୍ଗା,୨୮।୩(ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ବଜାର ଉପକଣ୍ଠ କେନ୍ଦୁଆ ଶିବ ମନ୍ଦିର ପ୍ରାଙ୍ଗଣରେ ବାସନ୍ତୀକ ଦୁର୍ଗାପୂଜା ଶନିବାର ସମାପିତ ହୋଇଯାଇଛି। ଅଶୋକାଷ୍ଟମୀରେ ଅନେକ ଶହ ଶ୍ରଦ୍ଧାଳୁ ବ୍ରତଧାରୀ ପୂଜା ଡାଲା ଧରି ମାଆଙ୍କ ନିକଟରେ ବ୍ରତ ପାଳନ କରିଥିବାର ଦେଖିବାକୁ ମିଳିଥିଲା। ଶ୍ରୀରାମନବମୀ ଦିନ ମାଆଙ୍କର ନବ ଦିନ ପୂଜା ଶେଷ ହେବା ପରେ ସାମୁହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଦୈନିକ ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଭିନ୍ନ କଣ୍ଠ ଶିଳ୍ପୀମାନେ ଭଜନ ପରିବେଷଣ କରିଥିଲେ। ବାସନ୍ତୀ ପୂଜା କମିଟିର ସଦସ୍ୟ ଜ୍ଞାନରଞ୍ଜନ ଦୁର୍ଗା, ସନାତନ ଲେଙ୍କା, ପ୍ରସନ୍ନ ପଣ୍ଡା, ଜ୍ଞାନରଞ୍ଜନ ପଣ୍ଡା, ଜଗବନ୍ଧୁ ନାଏକଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ। ଶନିବାର ବାସନ୍ତୀକ ଦଶହରା ପର୍ବ ପରେ ବିସର୍ଜନ କରାଯାଇଥିଲା। ଅପରାହ୍ନରେ ମାଆଙ୍କ ମୃଣ୍ମୟୀ ମୂର୍ତ୍ତିଗୁଡିକୁ ଶୋଭାଯାତ୍ରା ନିଆଯାଇ ହୀରା ସାଗର ପୁଷ୍କରିଣୀରେ ବିସର୍ଜନ କରାଯାଇଥିଲା।

# ତାଣ୍ଡବ ରଚିଲା କାଳବୈଶାଖୀ

ଗୋପବନ୍ଧୁ ନଗର,୨୮।୩
(ଶାନ୍ତନୁ କୁମାର ମଣ୍ଡୁଆଳ)



କାଳବୈଶାଖୀରେ ଭାଙ୍ଗିଯାଇଥିବା ଘର।

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକର ବିଭିନ୍ନ ସ୍ଥାନରେ ଶୁକ୍ରବାର ବିଳମ୍ବିତ ରାତିରେ କାଳବୈଶାଖୀ ତାଣ୍ଡବ ରଚିଛି। ଏହା ପ୍ରଭାବରେ ଘର ଭାଙ୍ଗି କ୍ଷୟକ୍ଷତି ଘଟିଛି। ଘଣ୍ଟା ପ୍ରତି ୭୦ରୁ ୮୦ କିଲୋମିଟର ବେଗରେ ପବନ ଯୋଗୁ ବହୁ ପୁରୁଣା ବଡ଼ ବଡ଼ ଗଛ ଉପୁଡ଼ି ଘର ଉପରେ ପଡ଼ିଛି। ଭୋଳାଗଡିଆ ପଞ୍ଚାୟତର ବଡ଼ଓଲିଆ ଗ୍ରାମ ୯ ନମ୍ବର ୱାର୍ଡର ବିଜୁ ସୋରେନଙ୍କ ଘର ଉପରେ ଗଛ ପଡ଼ି ଆଜବେଷ୍ଟସ ସହ ଘର ଭୁଶୁଡ଼ି ପଡ଼ିଛି। ସେହିପରି ମୁଚି ସାହିର ସୂର୍ଯ୍ୟା ସୋରେନଙ୍କ ଘରର ନଡ଼ା ଛପର ଉଡ଼ିଯାଇଛି। କରକଚିଆ ପଞ୍ଚାୟତ ଟୀକରପଡା ଗ୍ରାମର ସତ୍ୟବାନ ଦାସଙ୍କ ଘର ଉପରେ ବିରାଟକାୟ ଆମ୍ବ ଗଛ ପଡ଼ି ଘର ଛପର ଚୁର୍‌ମାର୍ ହୋଇଯାଇଛି। ଅନେକ ସ୍ଥାନରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିବା ବେଳେ ଖୁଣ୍ଟା ଅଗ୍ନିଶମ କର୍ମଚାରୀ ପହଞ୍ଚି ସଫା କରିଥିଲେ। ଶନିବାର ମଧ୍ୟାହ୍ନ ସୁଦ୍ଧା ଯାତାୟାତ ସ୍ୱାଭାବିକ ହୋଇଥିଲା। ସେହିପରି ଲକ୍ଷ୍ମଣସାହି ପଞ୍ଚାୟତର ବିଭିନ୍ନ ଗ୍ରାମରେ କାଳବୈଶାଖୀ ପ୍ରଭାବରେ ଏକାଧିକ ଘର ଭାଙ୍ଗିବା ଦ୍ୱାରା ଲୋକେ ବାସହରା ହୋଇପଡ଼ିଛନ୍ତି।

# ରାଜ୍ୟସ୍ତରୀୟ ଚିଲିକା ପ୍ରକୃତି ଶିବିର

## ଯୋଗଦେଲେ ଏମ୍‌ଏସ୍‌ସିବିୟୁ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ




ଶିବିରରେ ଯୋଗଦେବାକୁ ଯାଉଥିବା ଏନଏସ୍‌ଏସ୍ ସ୍ୱେଚ୍ଛାସେବୀ।

ବାରିପଦା,୨୮।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ (ଏମ୍‌ଏସ୍‌ସିବିୟୁ) ଜାତୀୟ ସେବା ଯୋଜନା (ଏନଏସ୍‌ଏସ୍ )ବ୍ୟୁରୋ ଦ୍ୱାରା ଗଠିତ ଏକ ଦଳ ଖୋର୍ଦ୍ଧା ଜିଲା ବାଲୁଗାଁ କଲେଜକୁ ଗସ୍ତ କରିଛନ୍ତି। ସେଠାରେ ୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଚିଲିକା ପ୍ରକୃତି ଶିବିରରେ ଯୋଗ ଦେବେ। ଜାତୀୟ ସେବା ଯୋଜନା ବ୍ୟୁରୋ ସଂଯୋଜକ ଡ. ବସନ୍ତ କୁମାର ମହାନ୍ତ, ଜାତୀୟ ସେବା ଯୋଜନା ଜିଲା ନୋଡାଲ ଅଧିକାରୀ ଡ଼ ଅନାମ ଚରଣ ରାଉଳ ଓ ଜାତୀୟ ସେବା ଯୋଜନା ବ୍ୟୁରୋ ସହାୟକ ଅଜୟ କୁମାର ବଳ ଏବଂ ସେଚ୍ଛାସେବୀ ଆଦର୍ଶ କୁମାର ରାଉତଙ୍କ ଉପସ୍ଥିତିରେ ଏହି ଟିମ ଗସ୍ତ କରିଛନ୍ତି। ବିଶ୍ୱବିଦ୍ୟାଳୟ ତରଫରୁ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ଡ. ପ୍ରିୟବ୍ରତ ବେହେରାଙ୍କ ନେତୃତ୍ୱରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ରିଙ୍କୁ ଦାସ, ପୂର୍ଣ୍ଣିମା ଟୁଡୁ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶବିଦ୍ୟାଳୟ ସ୍ନାତକୋତ୍ତର ବିଭାଗ ସ୍ୱେଚ୍ଛାସେବୀ ଶୁଭମ ପରିଡ଼ା, ପ୍ରୀତିସ୍ମିତା ନନ୍ଦୀ, ଗୀତାଞ୍ଜଳି କର, ବାରିପଦା ମହାବିଦ୍ୟାଳୟର ମୋନାଲିସା ଜେନା, ଏମ୍‌ସିଏମ କଲେଜର ସାଗର ମହାନ୍ତି, ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ସାଲହା ହେମ୍ବ୍ରମ ଓ କରଞ୍ଜିଆ ସ୍ୱୟଂଶାସିତ କଲେଜର ଦଶରଥ ଟୁଡୁ ଅଂଶଗ୍ରହଣ କରିଛନ୍ତି।

# ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷାକଲେ ସ୍ୱତନ୍ତ୍ର ସଚିବ



ସ୍ଥାନୀୟ ଲୋକେ ଓ ଭାଜପା ନେତୃବୃନ୍ଦ ଅଭିଯୋଗ ପତ୍ର ପ୍ରଦାନ କରୁଛନ୍ତି।

କେନ୍ଦୁଝର,୨୮।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଚିବ ମିର୍ଦ୍ଧା ଟପୋ କେନ୍ଦୁଝର ଜିଲା ଗସ୍ତ କରି ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ଭାଜପା ଦଳୀୟ କର୍ମୀଙ୍କ ସହ ସଦର ବ୍ଲକ୍ ଅନ୍ତର୍ଗତ ବାଉରୀପଦା ପଞ୍ଚାୟତ ମୁକୁନା ଶ୍ରୀରାମ ମନ୍ଦିରରେ ପହଞ୍ଚି ପ୍ରଭୁଙ୍କ ଦର୍ଶନ କରିଛନ୍ତି। ସଚିବଙ୍କ ସମେତ ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ସଦର ବ୍ଲକ୍‌କୁ ଦିଆଯାଇଥିବା ଅନୁଦାନର ସଦୁପଯୋଗ ଓ ଆଗାମୀ ଦିନରେ ଲୋକାଭିମୁଖୀ ଯୋଜନାଗୁଡିକୁ ସଂଗଠିତ ଢଙ୍ଗରେ ଲାଗୁ କରିବାକୁ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ଏଥିରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଧନୁର୍ଜୟ ମହାନ୍ତ, ରାଇସୁଆଁ ମଣ୍ଡଳ ସଭାପତି ସମୀର ସାହୁ, ଲିଲି ଦେହୁରୀ, ପଦ୍ମିନୀ ନାୟକ, ନାରାୟଣ ଦେହୁରୀ ଓ ଭୀମସେନ ମହାନ୍ତଙ୍କ ଉପସ୍ଥିତ ରହି କିଛି ଜନ ହିତକାରୀ ଦାବି ସ୍ୱତନ୍ତ୍ର ସଚିବଙ୍କୁ ପ୍ରଦାନ କରିଥିଲେ।

## କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ

ଠାକୁରମୁଣ୍ଡା, ୨୮।୩(ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତଥା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ 'ଅନନ୍ୟା–୨୦୨୬' ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ଟୁଡୁ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଠାକୁରମୁଣ୍ଡା ପ୍ରେସକ୍ଲବ ସଭାପତି ଶରତ ତ୍ରିପାଠୀ ଯୋଗଦେଇ ରାଷ୍ଟ୍ର ପାଇଁ ସମର୍ପିତ ନାଗରିକ ଭାବେ ନିଜକୁ ଗଢିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ ଯୋଗଦେଇ ଛାତ୍ରୀଛାତ୍ର ଭଲ ମଣିଷ ଭାବେ ନିଜକୁ ଗଢିବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦିଲୀପ କୁମାର ଧଳ, ଠାକୁରମୁଣ୍ଡା ସରପଞ୍ଚ ସୁଜିତ ଲୁଗୁନ, ସିଆରସିସି ଅଲେଖ ପଲେଇ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା ଟୁଡୁ ସ୍ୱାଗତ ସୂଚନା ଓ ବିବରଣୀ ପାଠ କରିଥିବାବେଳେ ଅତୃପ୍ତା ମହାନ୍ତ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବ ଆୟୋଜିତ ହୋଇଥିଲା। ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶଶୀଧର ସିଂ, ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଜିଲା ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଚତୁର୍ଭୁଜ ବାରିକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲୀପ ଧଳ, ପୂର୍ବତନ ବିଇଓ ଭାଗ୍ୟରଥୀ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ସଦାନନ୍ଦ ମହାନ୍ତ,ପୂର୍ବତନ ଏବିଇଓ କାୟୁ ମୁର୍ମୁ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ଟୁଡୁ ବିବରଣୀ ପାଠ କରିଥିବାବେଳେ ଶିକ୍ଷୟତ୍ରୀ ଅତୃପ୍ତା ମହାନ୍ତ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ପୂର୍ବରୁ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ଟ୍ରଫି ଓ ପ୍ରମାଣପତ୍ର ହସ୍ତାନ୍ତର କରିଥିଲେ। ଶେଷରେ ଶିକ୍ଷକ ପ୍ରକାଶ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ୪ ସପ୍ତାହରେ ରିପୋର୍ଟ ଦେବାକୁ ଏନ୍‌ଏଚ୍‌ଆରସିଙ୍କ ନିର୍ଦ୍ଦେଶ

## ଗୁଣ୍ଡିଚା ଦିନ ନାବାଳିକାଙ୍କୁ ଗଣବଳାତ୍କାର ମାମଲା

କେନ୍ଦୁଝର,୨୮।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଜାତୀୟ ମାନବାଧିକାର କମିଶନ ଏକ ଗଣବଳାତ୍କାର ମାମଲାର ଶୁଣାଣି କରି ପୀଡ଼ିତାଙ୍କୁ କ୍ଷତିପୂରଣ ପ୍ରଦାନ କରିବା ସହ ୪ ସପ୍ତାହ ମଧ୍ୟରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହାର ରିପୋର୍ଟ ଦାଖଲ କରିବାକୁ କେନ୍ଦୁଝର ଏସ୍‌ପିଙ୍କୁ ଆଦେଶ କରିଛନ୍ତି। ମାନବାଧିକାର କର୍ମୀ ନାରାୟଣ ରଥଙ୍କ ପକ୍ଷରୁ ୨୩ ଜୁଲାଇ ୨୦୨୫ରେ ଦାଖଲ ହୋଇଥିବା ମାମଲାର ଶୁଣାଣି କରି ଏନ୍‌ଏଚ୍‌ଆରସି ଏହି ଆଦେଶ କରିଛନ୍ତି।

ପ୍ରକାଶ ଯେ, କେନ୍ଦୁଝର ଟାଉନ ଥାନା ଅଞ୍ଚଳର ୧୭ ବର୍ଷୀୟ ନାବାଳିକା ଶ୍ରୀଗୁଣ୍ଡିଚା ଯାତ୍ରା ଦେଖି ଫେରୁଥିବା ବେଳେ ଜୁଡିଆ ଘାଟି ନିକଟରୁ କେତେକ ଯୁବକ ଅପହରଣ କରିନେଇ ଗଣବଳାତ୍କାର କରିଥିଲେ। ଘଟଣାକୁ ନେଇ କମିଶନଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାକୁ ନେଇ ଟାଉନ ଥାନାରେ ଏକ ମାମଲା(ନଂ.୪୩୨/୨୦୨୫)ରୁଜୁ ହୋଇଥିଲା। ଘଟଣାର ଠିକ୍ ତଦନ୍ତ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କଠୋର ଦଣ୍ଡ ବିଧାନ କରିବା, ପୀଡ଼ିତାଙ୍କୁ ସୁରକ୍ଷା ଏବଂ କ୍ଷତିପୂରଣ ପ୍ରଦାନ କରିବାକୁ କମିଶନଙ୍କ ନିକଟରେ ନିବେଦନ କରାଯାଇଥିଲା । ଏହାକୁ ନେଇ ପୋଲିସ ବିଭାଗ କ'ଣ ପଦକ୍ଷେପ ନେଇଛି। ତାହାର ସବିଶେଷ ରିପୋର୍ଟ ୪ ସପ୍ତାହ ମଧ୍ୟରେ ଇଂଲିଶରେ ଦେବାକୁ ଆଦେଶ ହୋଇଛି।

# ଭାଜପାର ପ୍ରଶିକ୍ଷଣ ମହାଅଭିଯାନ




ଉପସ୍ଥିତ ଭାଜପା ନେତୃବୃନ୍ଦ।

ହାଟଡ଼ିହୀ,୨୮।୩(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ମା' ଗଡ଼ଚଣ୍ଡୀ ପୀଠଠାରେ ଦୀନ ଦୟାଲ ଉପାଧ୍ୟାୟଙ୍କ ନୀତି ଆଦର୍ଶକୁ ପାଥେୟ କରି ଭାଜପା ତରଫରୁ ପ୍ରଶିକ୍ଷଣ ମହାଅଭିଯାନ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏମ୍‌ପିଙ୍କ ପ୍ରତିନିଧି ହରମୋହନ ଶାସିନୀ ଏବଂ ସୁନୀଲ ନାୟକ, ଜିଲାପରିଷଦ ସଭ୍ୟା ଅସୀମା ପଣ୍ଡା, ଶାସଙ୍ଗ ସରପଞ୍ଚ ମଧୁସ୍ମିତା ସ୍ୱାଇଁ, ବରିଷ୍ଠ ସକ୍ରିୟ କର୍ମୀ ଯୁଧିଷ୍ଠିର ମଲ୍ଲିକ, ସୁଶାନ୍ତ ଜେନା, କୈଳାଶ ସାମଲ, ମହିଳା ନେତ୍ରୀ ତୃପ୍ତିମୟୀ ଜେନା ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଏକ ପରିବର୍ତ୍ତିତ ନୂତନ ଭାରତ ଗଠନ କରିବାକୁ ହେଲେ ସବକା ସାଥ, ସବକା ବିକାଶକୁ ସମସ୍ତେ ମୁଖ୍ୟ ଲକ୍ଷ୍ୟ ଏବଂ ଆହ୍ୱାନ ଭାବେ ଗ୍ରହଣ କରି ଆଗକୁ ଅଗ୍ରସର ହେବାକୁ ବୈଠକରେ ମତ ପ୍ରକାଶ ପାଇଥିଲା।

# ଆଲୋକ ସଭାପତି, ଅନ୍ତର୍ଯ୍ୟାମୀ ସମ୍ପାଦକ ନିର୍ବାଚିତ

## କେନ୍ଦୁଝର ଜିଲା ଓକିଲ ସଂଘର ନିର୍ବାଚନ



ନିର୍ବାଚିତ ହୋଇଥିବା ତାରିଣୀ ପ୍ରସାଦ ପୋଥାଳ, ଅନ୍ତର୍ଯ୍ୟାମୀ ସାହୁ, ଆଲୋକ ମହାନ୍ତ, ତୁଷାରକାନ୍ତ ସାମନ୍ତ ଓ ଦେବାଶିଷ ପତି।

କେନ୍ଦୁଝର,୨୮।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଲୋକ ମହାନ୍ତ ପୁଣି ଥରେ ସଭାପତିଭାବେ ନିର୍ବାଚିତ ହୋଇଥିବା ବେଳେ ସମ୍ପାଦକଭାବେ ଅନ୍ତର୍ଯ୍ୟାମୀ ସାହୁ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବରେ ସମ୍ପନ୍ନ ହୋଇଛି। ସମୁଦାୟ ୪୬୩ ଭୋଟ ପୁଲିଂ ହୋଇଥିବା ନିର୍ବାଚନ ପରିଚାଳନା କରୁଥିବା ଅଧିକାରୀ ବରିଷ୍ଠ ଆଇନଜୀବୀ ଦେବାଶିଷ ରଣା ସୂଚନା ଦେଇଛନ୍ତି। ସଭାପତି ନିର୍ବାଚନରେ ୪ ଟି ନାକଚ ହୋଇଯାଇଥିଲା। ଆଲୋକ ମହାନ୍ତ ୨୧୮ ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବସନ୍ତ ବେହେରା ୧୯୨ଟି ଭୋଟ ପାଇଛନ୍ତି। ଅନ୍ୟତମ ପ୍ରତିଦ୍ୱନ୍ଦ୍ୱୀ ଅଶୋକ ଦାସ ୪୯ ଭୋଟ ପାଇଛନ୍ତି। ସେହିପରି ସମ୍ପାଦକ ନିର୍ବାଚନରେ ୧୦ ଭୋଟ ନାକଚ ହୋଇଯାଇଥିବା ବେଳେ ଅନ୍ତର୍ଯ୍ୟାମୀ ସାହୁ ୧୯୨ ଭୋଟପାଇ ନିର୍ବାଚିତ ହୋଇଛନ୍ତି। ଉପସଭାପତି ନିର୍ବାଚନରେ ୪ ଭୋଟ ନାକଚ ହୋଇଥିବା ବେଳେ ତୁଷାରକାନ୍ତ ସାମନ୍ତ ୨୩୭ ଭୋଟ ପାଇଥିଲେ। ଯୁଗ୍ମ ସମ୍ପାଦକ ଭାବେ ଦେବାଶିଷ ପତି ୨୬୦ଟି ଭୋଟ ପାଇ ନିର୍ବାଚିତ ହୋଇଛନ୍ତି।

## ବାରିପଦା ଡିଗ୍ରୀ ମହାବିଦ୍ୟାଳୟ ଶିକ୍ଷା ବିଭାଗର ବାର୍ଷିକ ଆଲୋଚନାଚକ୍ର



ବାରିପଦା, ୨୮।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଡିଗ୍ରୀ କଲେଜର ଶିକ୍ଷା ବିଭାଗ ପକ୍ଷରୁ ଭାରତର ଉଚ୍ଚ ଶିକ୍ଷା: ନୀତି, ଚ୍ୟାଲେଞ୍ଜ ଓ ସୁଯୋଗ ସମ୍ପର୍କିତ ବାର୍ଷିକ ବିଭାଗୀୟ ସେମିନାର ଆୟୋଜିତ ହୋଇଥିଲା। ଉଚ୍ଚ ଶିକ୍ଷା ପ୍ରଣାଳୀର ନୀତି, ବର୍ତ୍ତମାନ ସମସ୍ୟା ଓ ଭବିଷ୍ୟତ ସୁଯୋଗ ବିଷୟରେ ସଚେତନତା ସୃଷ୍ଟି କରିବା ସେମିନାରର ଉଦ୍ଦେଶ୍ୟ ଥିଲା। ମୁଖ୍ୟଅତିଥି ସରକାରୀ ମହିଳା କଲେଜ ବାରିପଦାର ଶିକ୍ଷା ବିଭାଗର ମୁଖ୍ୟ ଓ ସହାୟକ ଅଧ୍ୟାପକ ଡ଼. ଧନେଶ୍ୱର ବେହେରା ଯୋଗଦେଇ ନୂତନ ଶିକ୍ଷା ନୀତି, ଗୁଣାତ୍ମକ ଶିକ୍ଷା ଓ ଛାତ୍ରୀଛାତ୍ରଙ୍କର ସମଗ୍ର ବିକାଶ ବିଷୟରେ ମତ ପ୍ରକାଶ କରିଥିଲେ। କଲେଜ ଅଧ୍ୟକ୍ଷ ଡ଼. ପ୍ରବୋଧ ଦେ ଅଧ୍ୟକ୍ଷତା କରିଥିଲେ। ବିଭାଗର ମୁଖ୍ୟ ଡ଼. ସସ୍ମିତା ମହାନ୍ତି ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଦୀପିକା ବେହେରା ଧନ୍ୟବାଦ ଦେଇଥିଲେ।

# ଉଡ଼ାଇନେଲା ଛପର, ୨ ପରିବାର ବାସହରା

## କାଳବୈଶାଖୀ ତାଣ୍ଡବ

କେନ୍ଦୁଝର,୨୮।୩(ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦୁଝର ଜିଲାରେ ଶୁକ୍ରବାର ବିଳମ୍ବିତ ରାତିରେ କାଳବୈଶାଖୀ ପ୍ରଭାବରେ ଝଡ଼ ତୋଫାନ ହୋଇଥିଲା। ପବନ ସହ ବର୍ଷାରେ ଘରର ଛପର ଉଡ଼ାଇ ନେଇଛି। ବ୍ୟାପକ ଫସଲ ମଧ୍ୟ କ୍ଷୟକ୍ଷତି ହେବା ସହ ବଡ଼ ଗଛ ଭାଙ୍ଗିଯାଇଛି। କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ବରଦାପାଳ ପଞ୍ଚାୟତ ତଳକମ୍ପଡ଼ିହୀ ଗ୍ରାମର ବୀର ସୋରେନ ଓ ସୋମନାଥ ମୁଣ୍ଡାଙ୍କ ଘର ଉପରୁ ଆଜ୍‌ବେଷ୍ଟସ୍ ଉଡ଼ିଯାଇଛି। ଏବେ ୨ ପରିବାର ବାସହରା ହୋଇଯାଇଛନ୍ତି। ବର୍ଷାରେ ଆବାସପତ୍ର ସମେତ ଧାନ, ଚାଉଳ ପାଣିରେ ଓଦା ହୋଇ ନଷ୍ଟ ହୋଇଯାଇଛି। ଖୋଲା ଆକାଶ ତଳେ ଖଟିଖିଆ ଆଦିବାସୀ ପରିବାର ମୁଣ୍ଡଗୁଞ୍ଜିବା ପାଇଁ ହଇରାଣ ହେଉଛନ୍ତି। ତୁରନ୍ତ ଜିଲା ପ୍ରଶାସନ ୨ କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ଜାତୀୟ ପାରା ଫ୍ୟାନ୍ସିଂ ଚାମ୍ପିୟନଶିପ୍
# ରାଖାଲଙ୍କୁ ଦ୍ୱୈତ ସ୍ୱର୍ଣ୍ଣପଦକ



ଭଣ୍ଡାରିପୋଖରୀ, ୨୮।୩(ରାଜେନ୍ଦ୍ର ଶତପଥୀ): ଭଣ୍ଡାରିପୋଖରୀ ମାଟିର ପୁଅ ରାଖାଲ ଚନ୍ଦ୍ର ସେଠୀ ଜାତୀୟ ପାରା ଫ୍ୟାନ୍ସିଂ ଚାମ୍ପିୟନଶିପ୍ ପ୍ରତିଯୋଗିତାରେ ଦ୍ୱୈତ ସ୍ୱର୍ଣ୍ଣ ପଦକ ବିଜେତା ହୋଇଛନ୍ତି। ରାଜସ୍ଥାନର ଜୟପୁରଠାରେ ଗତ ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଚାମ୍ପିୟନଶିପ୍‌ରେ ରାଖାଲ ଓଡ଼ିଶା ଦଳର ନେତୃତ୍ୱ ନେଇଥିଲେ। ଦଳଗତ ଭାବେ ସ୍ୱର୍ଣ୍ଣପଦକ ଜିତିଥିବା ବେଳେ ବ୍ୟକ୍ତିଗତ ଭାବେ ଅନ୍ୟ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହାକୁ ମିଶାଇ ଓଡ଼ିଶା ଦଳ ମୋଟ ୨୬ଟି ପଦକ ବିଜେତା ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ

## ସଜେଇ ହୋଇଛି ଧାମନଗର
### ମହିଳାଙ୍କ ୧୦୦୮ କଳସ ଶୋଭାଯାତ୍ରା

ଧାମନଗର, ୨୮।୩ (ଦେବେନ୍ଦ୍ର ଆନ୍ଦିଆ/ ସନ୍ତୋଷ କୁମାର ମହାପାତ୍ର)

ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ଓ ନଗର ସଂକୀର୍ତ୍ତନ ଶୋଭାଯାତ୍ରା ପାଇଁ ଧାମନଗର ସଜେଇ ହୋଇଛି। ଧାମନଗର ସହର ଗେରୁଆ ରଙ୍ଗରେ ରଙ୍ଗେଇ ହୋଇଛି। ଧାମନଗରର ଡାକ୍ତରଖାନାସ୍ଥିତ ମେଳଣ ପଡ଼ିଆ ଯଜ୍ଞ ମଣ୍ଡପଠାରୁ ମେଡିକାଲ ବଜାର, ବଡ଼ବଜାର, ବିଜୁ ପଟ୍ଟନାୟକ ଛକ, ବ୍ଲକରୋଡ୍, ଜାହାଙ୍ଗୀର ରୋଡ୍, ଦୋବଲ ବଜାର, କାଳୀବଜାର, ବିଭିନ୍ନ ପଞ୍ଚାୟତ ରାସ୍ତା ଆନନ୍ଦପୁର, ଖଡ଼ିପଦା, ଖଙ୍ଗରା, ଷେଣ୍ଢପୁର, ସୋହଡ଼ା ଆଦି ସ୍ଥାନରେ ରଙ୍ଗିନ ଆଲୋକମାଳା ସହ ଗେରୁଆ ରଙ୍ଗରେ ରାସ୍ତାଘାଟ ସଜ୍ଜିତ କରାଯାଇଛି। ସହରର ବିଭିନ୍ନ ଦୋକାନ ବଜାର ଗେରୁଆ ପତାକାରେ ସୁସଜ୍ଜିତ ହୋଇଛି। ସେହିପରି ମେଳଣ ପଡ଼ିଆରେ ଯଜ୍ଞ ଆୟୋଜିତ ହୋଇଛି। ପ୍ରଭୁ ଶ୍ରୀରାମ, ମାତା ସୀତା ଓ ଲକ୍ଷ୍ମଣଙ୍କ ମୃଣ୍ମୟ ମୂର୍ତ୍ତି ପ୍ରତିଷ୍ଠା କରାଯାଇ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ଚାଲିଛି।

ଧାମନଗର ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଶନିବାର ୧୦୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜୟ ଶ୍ରୀରାମ ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା। ଜୟନଗରସ୍ଥିତ ଯ ନଦୀରୁ ମହିଳାମାନେ ଘଟ ଉତ୍ତୋଳନ କରି ବଜାର ପରିକ୍ରମା କରି ମେଳଣ ପଡ଼ିଆରେ ପହଞ୍ଚିବା ପରେ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଯଜ୍ଞର କର୍ତ୍ତା କର୍ତ୍ତ୍ରୀ ଭାବେ ଲକ୍ଷ୍ମୀପ୍ରିୟା ମହାପାତ୍ର ଓ ବେଣୁଧର ମହାପାତ୍ର ଦାୟିତ୍ୱ ନିର୍ବାହ କରିଥିଲେ। ପରେ ସାଧୁ ସନ୍ଥ ପୂଜନ, ଗୋମାତା ପୂଜା ଓ ସୂର୍ଯ୍ୟପୂଜା, ମଣ୍ଡଳାଧି ପୂଜା ଓ ତୋରଣ ପୂଜା ହୋଇ ଯଜ୍ଞ ଆରମ୍ଭ ହୋଇଥିଲା। ଅପରାହ୍ନ ରେ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ପରିବେଷଣ ଓ ସନ୍ଧ୍ୟାରେ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ,ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଥିଲା। ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ମହାପାତ୍ର, ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ମନୋରଞ୍ଜନ ମଲ୍ଲିକ, ଅରବିନ୍ଦ ପତି, ସମିତିର ସଭାପତି ସରୋଜ ମହାପାତ୍ର, ସମ୍ପାଦକ ବିଜୟ କୁମାର ରାମ, ପ୍ରମୋଦ ସୁତାର, ମହିଳା ନେତ୍ରୀ ରଞ୍ଜିତା ସ୍ୱାଇଁ, ପୁଷ୍ପାଞ୍ଜଳି ବେହେରା ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ। ଆସନ୍ତା ସୋମବାର ନଗର ସଂକୀର୍ତ୍ତନ ଶୋଭାଯାତ୍ରା ସହ ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି। ଏନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।



କଳସ ଶୋଭାଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁମାନେ।

## ଓକିଲ ସଂଘ ନିର୍ବାଚନ

# ଚାନ୍ଦବାଲି: ଉପେନ୍ଦ୍ର ସଭାପତି, ପ୍ରିୟରଞ୍ଜନ ସମ୍ପାଦକ

ଚାନ୍ଦବାଲି, ୨୮।୩(କିଷାନ ପାତ୍ର)



ଚାନ୍ଦବାଲି ଓକିଲ ସଂଘର ନିର୍ବାଚନରେ ଲଗାତାର ଦ୍ୱିତୀୟ ଥର ପାଇଁ ସଭାପତି ଭାବେ ଆଇନଜୀବୀ ଉପେନ୍ଦ୍ର ରାଉଳ ନିର୍ବାଚିତ ହୋଇଛନ୍ତି। ଶନିବାର ଅନୁଷ୍ଠିତ ନିର୍ବାଚନରେ ସଂଘର ମୋଟ ୫୮ଜଣ ଆଇନଜୀବୀଙ୍କ ମଧ୍ୟରୁ ୫୨ଜଣ ମତଦାନ କରିଥିଲେ। ସଭାପତି ପ୍ରାର୍ଥୀ ରାଉଳ ୨୭ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରଭାସ ଶୁଭଦର୍ଶନ ମହାନ୍ତି ୨୩ ଖଣ୍ଡ ଭୋଟ ପାଇଥିଲେ। ଗୋଟିଏ ଭୋଟ୍ ନାକଚ ହୋଇଥିବା ସୂଚନା ମିଳିଛି। ସେହିପରି ସମ୍ପାଦକ ପ୍ରାର୍ଥୀ ପ୍ରିୟରଞ୍ଜନ ମହାନ୍ତି ୨୮ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରାଜନାରାୟଣ ନାୟକ ୨୩ ଖଣ୍ଡ ଭୋଟ୍ ପାଇଥିଲେ। ବିଜୟ ସାମଲ ଉପସଭାପତି, ମାନସୀ ଆଚାର୍ଯ୍ୟ ସହସମ୍ପାଦିକା, ଚିତ୍ତରଞ୍ଜନ କବି କୋଷାଧ୍ୟକ୍ଷ, ଯତୀନ୍ଦ୍ର ମହାନ୍ତି, ନିରାକାର ରାଉତ, ଶୁଭସ୍ମିତା ପାଢ଼ୀ ଓ ବିନୀତ ମାହୁନ୍ତ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଆଇନଜୀବୀ ତ୍ରିଲୋଚନ ଦାସ ନିର୍ବାଚନ ପରିଚାଳନା କରିଥିଲେ।

# ବାସୁଦେବପୁର: ଷଷ୍ଠ ଥର ସହଦେବ ସଭାପତି

ବାସୁଦେବପୁର, ୨୮।୩ (ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)




ସହଦେବ ଦାଶ, କୃପାସିନ୍ଧୁ ଜେନା।

ବାସୁଦେବପୁର ଓକିଲ ସଂଘର ନିର୍ବାଚନ ଫଳାଫଳ ଶନିବାର ଅପରାହ୍ନରେ ପ୍ରକାଶିତ ହୋଇଛି। ସଭାପତି ଭାବେ ଷଷ୍ଠ ଥର ପାଇଁ ବରିଷ୍ଠ ଆଇନଜୀବୀ ସହଦେବ ଦାଶ ଓ ସମ୍ପାଦକ ଭାବେ ୨ୟ ଥର ଯୁବ ଆଇନଜୀବୀ କୃପାସିନ୍ଧୁ ଜେନା ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ସୁଶାନ୍ତ କୁମାର ବିଶ୍ୱାଳ, ସହସମ୍ପାଦକ ସନ୍ତୋଷ କୁମାର ନାୟକ ବିନା ପ୍ରତିଦ୍ୱନ୍ଦ୍ୱିତାରେ, କୋଷାଧ୍ୟକ୍ଷ ଭାବେ ଚକ୍ରଧର ମହାଳିକ, କାର୍ଯ୍ୟକାରୀ ସଦସ୍ୟ ଭାବେ ଭାରତୀ ସୂତାର, ଅରୁଣ ନାୟକ ଓ ଶ୍ରୀଧର ମଲିକ ମନୋନୀତ ହୋଇଛନ୍ତି। ଆଗାମୀ ଦିନରେ ବାସୁଦେବପୁରରେ ଏଡିଜେ କୋର୍ଟ ଗୃହ ଓ ବାର୍ ଆସୋସିଏଶନ ପାଇଁ ଗୃହ ନିର୍ମାଣ ନିମନ୍ତେ ଉଦ୍ୟମ ଜାରି ରହିବ ବୋଲି ସଭାପତି ଦାଶ କହିଛନ୍ତି।

# ଶ୍ରୀରାମ ନବମୀରେ ମହାପ୍ରସାଦ ବଣ୍ଟନ

ଭଦ୍ରକ, ୨୮।୩(ରବିନାରାୟଣ ଖିଲାର)

ଶ୍ରୀରାମ ନବମୀରେ ପୁରୀ ଜଗା ଚାକର ସଂଘ ପକ୍ଷରୁ ଶୁକ୍ରବାର ଭଦ୍ରକ ଗାନ୍ଧୀପଡ଼ିଆରେ ଭକ୍ତମାନଙ୍କୁ ମହାପ୍ରସାଦ ବଣ୍ଟନ କରାଯାଇଥିଲା। ସାଧାରଣ ସମ୍ପାଦକ ସନ୍ତୋଷ କୁମାର ମିଶ୍ର, କୋଷାଧ୍ୟକ୍ଷ ବିଶ୍ୱନାଥ ପାତ୍ର, ଜିଲା ସଂଯୋଜିକା ସୁପ୍ରଭା ମିଶ୍ର, ସସ୍ମିତା ପଣ୍ଡା, ଗୀତାଞ୍ଜଳି ଅଗସ୍ତି, ପ୍ରବୋଧ କୁମାର ଅଗସ୍ତି, ସ୍ୱର୍ଣ୍ଣପ୍ରଭା ଖଟୁଆ, ସୁରେନ୍ଦ୍ର ସାହୁ, ଗଙ୍ଗାଧର ବେହେରା, ଶରତ ସେଠୀ, ରାଜା ପାଣିଗ୍ରାହୀ, ଗୌରାଙ୍ଗ ବେହେରା, ଶିବାଜୀ ପ୍ରତାପ ଦାସ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାପ୍ରସାଦ ବଣ୍ଟାଯାଇଥିଲା। ଏହି ଅବସରରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ।

# ଗୋପବନ୍ଧୁ ନଗର ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି



ପ୍ଲାଟିନମ୍ ଜୁବିଲି ଉତ୍ସବରେ ନାଟ୍ୟକାର ବାଦଲ ସିକ୍‌ଦାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଧୁଷୁରୀ, ୨୮।୩(ଦୀପ୍ତିରଞ୍ଜନ ନାୟକ)

ଧାମନଗର ବ୍ଲକ ହସନାବାଦ ପଞ୍ଚାୟତସ୍ଥିତ ଗୋପବନ୍ଧୁନଗର ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ଉତ୍ସବ ଶନିବାର ଆରମ୍ଭ ହୋଇଛି। ଦୁଇଦିନ ବ୍ୟାପୀ ଉତ୍ସବରେ ପ୍ରଥମ ଦିବସରେ ଆଇନଜୀବୀ ଦିବ୍ୟସିଂହ ନାୟକଙ୍କ ଅଧ୍ୟକ୍ଷତା ଓ ବିରଞ୍ଚି ନାରାୟଣ ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ମୁଖ୍ୟ ଅତିଥି, ବାସୁଦେବପୁର ବିଧାୟକ ଅଶୋକ ଦାସ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା ଓ ଜିଲା ପରିଷଦ ସଭ୍ୟ ପ୍ରଦୀପ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ଲାଟିନମ୍ ଜୁବିଲି ପାଳନ ଦ୍ୱାରା ବିଦ୍ୟାଳୟର ଗରିମା ବୃଦ୍ଧି ପାଏ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ସର୍ବଭାରତୀୟ ଚିକିତ୍ସକ ସଂଘର ସଭାପତି ଡା. ହରେକୃଷ୍ଣ ନାୟକ, ନାଟ୍ୟକାର ବାଦଲ ସିକ୍‌ଦାର, ଶିକ୍ଷାବିତ୍ ଶାନ୍ତନୁ ରାଉତ ଏବଂ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଦିଲୀପ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷାବିତ୍ ଦିଲୀପ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଚାନ୍ଦବାଲି ବନ୍ଦରର ପୁନରୁଦ୍ଧାର ହେଉ'

ଚାନ୍ଦବାଲି, ୨୮।୩(ଅଶୋକ ପଣ୍ଡା)



ଚାନ୍ଦବାଲି ବନ୍ଦର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

ଚାନ୍ଦବାଲି ବନ୍ଦର ପ୍ରତିଷ୍ଠା ଦିବସ ସମାରୋହ ଶନିବାର ପୂର୍ବାହ୍ନରେ ମତୋ ପଞ୍ଚାୟତ ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ସାଧୁଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମତୋ ଯୁକ୍ତ ୩ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଭୂତି ବିଶ୍ୱାଳ ଯୋଗଦେଇ କହିଥିଲେ, ରାଜ୍ୟ ଅର୍ଥନୀତି ସହ ସ୍ଥାନୀୟ ଅଞ୍ଚଳର ବିକାଶରେ ଏହି ବନ୍ଦରର ଅବଦାନ ଅତୁଳନୀୟ। ଏହାର ପୁନରୁଦ୍ଧାର ହେବା ଆବଶ୍ୟକ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ପ୍ରଫୁଲ୍ଲ କୁମାର ଦାସ ଯୋଗଦେଇ ଚାନ୍ଦବାଲି ଓ ଆଧୁନିକ ଧାମରା ବନ୍ଦରକୁ ସଂଯୋଗ କରୁଥିବା ବୈତରଣୀ ନଦୀ ଅବବାହିକାରେ ଶିଳ୍ପ ବିକାଶ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର କୁମାର ରଣା, ଶ୍ରମିକ ନେତା ବ୍ରହ୍ମାନନ୍ଦ ପରିଡ଼ା, ଅବସରପ୍ରାପ୍ତ ସେନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବାମପନ୍ଥୀ ନେତା ବେଣୁଧର ନାୟକ, ପୂର୍ବତନ ଏବିଇଓ ଜୟକୃଷ୍ଣ ନାୟକ, କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବର ସହ ଆୟୋଜକ ମଙ୍ଗୁଳି ଚରଣ ବେହେରା, ସାମାଜିକ କର୍ମୀ ସୁକାନ୍ତ କୁମାର ଦାଶ ପ୍ରମୁଖ ବନ୍ଦରର ସ୍ମୃତିକୁ ମନେ ପକାଇ ଚାନ୍ଦବାଲି ବନ୍ଦରର ପୁନରୁଦ୍ଧାର ଆବଶ୍ୟକ ବୋଲି ମତ ରଖିଥିଲେ। ଶିକ୍ଷକ ନେତା ନବଘନ ସାମଲ, କବି ମନୋଜ ଭଳ, ପୂର୍ବତନ ପ୍ରଧାନଶିକ୍ଷକ ସଜନ ସୁନ୍ଦର ସେଠୀ, ପ୍ରଧାନଶିକ୍ଷକ ପ୍ରଶାନ୍ତ ପାଣିଗ୍ରାହୀ, ନିମାଇଁ ଚରଣ ଦାସ, ପ୍ରଶାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଅଶୋକ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ୧୮୮୧ ମାର୍ଚ୍ଚ ୨୮ରେ ଇଂରେଜମାନେ ଚାନ୍ଦବାଲି ବନ୍ଦରକୁ ସରକାରୀ ସ୍ୱୀକୃତି ଦେଇଥିଲେ। ଉଭୟ ଯାତ୍ରୀ ଓ ମାଲ୍ ପରିବହନ କ୍ଷେତ୍ରରେ ଏହା ରାଜ୍ୟର ଏକ ଅଗ୍ରଣୀ ବନ୍ଦର ଥିଲା। ବିଭିନ୍ନ କାରଣ ପାଇଁ ୧୯୬୨ ରେ ଏହା ବନ୍ଦ ହୋଇଯାଇଥିଲା। ବନ୍ଦରର ସ୍ମୃତି ସନ୍ତକ ପ୍ରାଚୀନ ବନ୍ଦର କାର୍ଯ୍ୟାଳୟ, ନଙ୍ଗର, ବୟାଁ, ତୋପ ଆଦି ଏବେ ଚାନ୍ଦବାଲିରେ ରହିଛି।

# ଧାମନଗର: ପୁଣି ଅଶୋକ ହେଲେ ସଭାପତି

ଧାମନଗର, ୨୮।୩(ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ଓକିଲ ସଂଘର ନିର୍ବାଚନ ପ୍ରକ୍ରିୟା ଶନିବାର ଶେଷ ହୋଇଛି। ୬ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ସଭାପତି ପଦବୀ ପାଇଁ ୨ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ସଭାପତି ଭାବେ ପୁଣି ଅଶୋକ କୁମାର ଦାସ ଓ ସାଧାରଣ ସମ୍ପାଦକ ଭାବେ ରଞ୍ଜିତ କୁମାର ମହାନ୍ତି ନିର୍ବାଚନ ଜିତିଛନ୍ତି। ସଭାପତି ପାଇଁ ଅଶୋକ ଦାସ ଓ ବାବା ହରେକୃଷ୍ଣ ସେଠୀ, ସାଧାରଣ ସମ୍ପାଦକ ଲାଗି ରଞ୍ଜିତ କୁମାର ମହାନ୍ତି, ଉପସଭାପତି ପାଇଁ ବିଜୟ କୁମାର ରାମ, କୋଷାଧ୍ୟକ୍ଷ ଲାଗି ପର୍ଶୁରାମ ମହାପାତ୍ର, ସହସମ୍ପାଦକ ପଦବୀ ପାଇଁ ମିନତି ମଲ୍ଲିକ, କାର୍ଯକାରୀ ସଭ୍ୟ ଲାଗି ମନୋଜ କୁମାର ଗୁପ୍ତା ଓ ବିକ୍ରମ କିଶୋର ପଣ୍ଡା ନାମାଙ୍କନ ଦାଖଲ କରିଥିଲେ। କେବଳ ସଭାପତି ପଦକୁ ଛାଡ଼ି ଅନ୍ୟ କୌଣସି ପଦ ପାଇଁ ନାମାଙ୍କନ ପତ୍ର ଦାଖଲ ହୋଇ ନ ଥିବାରୁ କେବଳ ସଭାପତି ପଦ ପାଇଁ ନିର୍ବାଚନ ହୋଇଥିଲା। ନିର୍ବାଚନ ଅଧିକାରୀ ନିରାକାର ଜେନା ପରିଚାଳନା କରିଥିଲେ। ପ୍ରକାଶଥାଉ କି, ଅଶୋକ ୪ର୍ଥ ଥର ସଭାପତି ହୋଇଥିବା ବେଳେ ରଞ୍ଜିତ ୨ୟ ଥର ପାଇଁ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି।

# ସୋଲାର ତାର ଝଟ୍‌କାରେ ମହିଳା ମୃତ

ତିହିଡ଼ି, ୨୮।୩(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ସିନ୍ଦୋଳ ପଞ୍ଚାୟତର ନୂଆସାହି ଗ୍ରାମରେ ଶୁକ୍ରବାର ଅପରାହ୍ନରେ ସୋଲାର ତାର ଝଟକାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ଶୈଳ ଦାସ(୪୨)। ସେ ଗ୍ରାମର ପଞ୍ଚାନନ ଦାସଙ୍କ ସ୍ତ୍ରୀ। ସୂଚନା ଅନୁଯାୟୀ, ନୂଆସାହି ଗ୍ରାମର ଜଣେ ବ୍ୟକ୍ତି ତାଙ୍କ କ୍ଷେତରେ ଧାନ ଚାଷ କରିଛନ୍ତି। ଫସଲ ସୁରକ୍ଷିତ ରଖିବାକୁ ସେ କ୍ଷେତ ଚାରିପଟେ ସୋଲାର ତାର ଘେରାଇଛନ୍ତି। ଶୈଳ ସେଠାରେ ଘାସ କାଟୁଥିବା ବେଳେ ସୋଲାର ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ପରେ ତାଙ୍କର ମୃତ୍ୟୁ ଘଟିଥିଲା। ସନ୍ଧ୍ୟା ବେଳେ ତାଙ୍କ ମୃତ୍ୟୁ ସମ୍ପର୍କରେ ଗ୍ରାମବାସୀ ଜାଣିବାକୁ ପାଇଥିଲେ। ପରେ ଶୈଳଙ୍କ ପରିବାର ପକ୍ଷରୁ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଶନିବାର ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ଜିଲାପାଳଙ୍କୁ ଶଙ୍କର ପ୍ରସାଦ ଦାସ ସ୍ମୃତି ସମ୍ମାନ

ଭଦ୍ରକ, ୨୮।୩(ସନାତନ ରାଉତ)

ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏଙ୍କୁ ଉତ୍ତମ ପ୍ରଶାସନିକ ସେବା ପାଇଁ ସମ୍ମାନଜନକ 'ଶଙ୍କର ପ୍ରସାଦ ଦାସ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଛି। ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଏହି ସମ୍ମାନ ପ୍ରଦାନ ସମୟରେ ସ୍ମୃତି କମିଟିର ଆବାହକ ତଥା ଧୁଷୁରୀ ପ୍ରେସ୍ ୟୁନିୟନର ସଭାପତି ସନ୍ତୋଷ ଦାସ ଓ ସହସମ୍ପାଦକ ରତିକାନ୍ତ ନାୟକ ଉପସ୍ଥିତ ଥିଲେ। ସ୍ମୃତି କମିଟି ପକ୍ଷରୁ ଜିଲାପାଳଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସ୍ୱର୍ଗତ ଶଙ୍କର ପ୍ରସାଦ ଦାସ ପେସାରେ ଜଣେ ଫାର୍ମାସିଷ୍ଟ ଥିଲେ। ଧାମନଗର ବ୍ଲକର କରୁଆ ଗୋବିନ୍ଦପୁର ଅଞ୍ଚଳରେ ସେ ନିଃସ୍ୱାର୍ଥପର ରୋଗୀ ସେବାପାଇଁ ପରିଚିତ ଥିଲେ।

# ୫୭ ବର୍ଷରେ ସୁଗୋର ବାସନ୍ତୀ ଦୁର୍ଗାପୂଜା

ବାସୁଦେବପୁର, ୨୮।୩(କାଳିପଦ ରାୟ)

ବାସୁଦେବପୁର ବ୍ଲକ ସୁଗୋ ହାଟ ପଡ଼ିଆଠାରେ ସାର୍ବଜନୀନ ବାସନ୍ତୀ ଦୁର୍ଗାପୂଜା ଚାଲିଛି। ୧୯୬୯ରେ ଏକ ମାଟି ଚାଳିଆରେ ଆରମ୍ଭ ହୋଇଥିବା ଏହି ପୂଜା ଚଳିତବର୍ଷ ୫୭ ବର୍ଷରେ ପହଞ୍ଚିଛି। ଗୁରୁବାରଠାରୁ ଷଷ୍ଠୀ ପୂଜା ଆରମ୍ଭ ହୋଇ ପାରମ୍ପରିକ ରୀତିନୀତି ସହ ଶନିବାର ଦଶମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି ସଭାପତି ମୁକ୍ତିକାନ୍ତ ମଣ୍ଡଳ, ସମ୍ପାଦକ ପ୍ରଫୁଲ୍ଲ କୁମାର ରାୟ, ସଦସ୍ୟ ଖଗେଶ୍ୱର ବାରିକ, ବସନ୍ତ କୁମାର ନାୟକ, ସମିତିସଭ୍ୟ କୈଳାସ ଚନ୍ଦ୍ର ଜେନା ପ୍ରମୁଖ ସହଯୋଗ କରିଛନ୍ତି। ସେହିପରି ଲକ୍ଷ୍ମୀଦାସପୁରର ରଘୁପୁରଠାରେ ଶ୍ରୀରାମ କମିଟି ପକ୍ଷରୁ ବାସନ୍ତୀ ଦୁର୍ଗାପୂଜା ଚାଲିଛି। ୫ଦିନ ବ୍ୟାପୀ ପୂଜାରେ ପ୍ରତ୍ୟେହ ଦ୍ୱିପ୍ରହର ଓ ସନ୍ଧ୍ୟାରେ ପ୍ରସାଦ ବଣ୍ଟନ ସହ ପ୍ରବଚନ କାର୍ଯ୍ୟକ୍ରମ ହେଉଛି। ଶୁକ୍ରବାର ସନ୍ଧ୍ୟାରେ କମିଟି ପକ୍ଷରୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଶ୍ରୀରାମ ମନ୍ଦିର ନିର୍ମାଣରେ ପୁରୋଧା ସାଜିଥିବା ସାମାଜିକ କର୍ମୀ ଜୟଦେବ ବାରିକ, ସାମାଜିକ କର୍ମୀ ଇଂ. ଅଭୟ କୁମାର ପୁହାଣ, ଅସିତ କୁମାର ଦାସ, କୁଳମଣି ବାରିକ, ଗଣେଶ ପ୍ରସାଦ ମଳିକ, ବାହାବଳପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବିପିନ କୁମାର ବେହେରା ଓ ଲକ୍ଷ୍ମୀଦାସପୁର ସରପଞ୍ଚ ଜାନକୀ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରମାକାନ୍ତ ବାରିକ ମଞ୍ଚ ପରିଚାଳନା କରିଥିଲେ। ସେହିପରି ଅଡୁଆଁ, ଜଗନ୍ନାଥପ୍ରସାଦ, ନରସିଂହପୁର, ଚାନ୍ଦିମାଳଠାରେ ବାସନ୍ତୀ ଦୁର୍ଗା ପୂଜା ଚାଲିଛି।



ବାସନ୍ତୀ ଦୁର୍ଗାପୂଜା ଅବସରରେ ରଘୁପୁରଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅତିଥି ଓ ଅନ୍ୟମାନେ।

# ସରିଲା ବାସନ୍ତିକ ଦୁର୍ଗା ପୂଜା ଉତ୍ସବ

ବନ୍ତ, ୨୮।୩(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ଟିଲୋ ମଧୁପୁରଠାରେ ଗତ ୧୯ ତାରିଖଠାରୁ ଚାଲିଥିବା ୭ମ ବାର୍ଷିକ ବାସନ୍ତିକ ଦୁର୍ଗା ପୂଜା ଉତ୍ସବ ଶନିବାର ଶେଷ ହୋଇଛି। ନିକଟସ୍ଥ କପାଳୀ ନଦୀରେ କଳସ ବୁଡ଼ାଇ ଅଣାଯିବା ପରେ ଘଟ ସ୍ଥାପନା ପରେ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। ସୁଶାନ୍ତ ଶେଖର ସ୍ୱାଇଁ, ଶତାବ୍ଦୀ ସ୍ୱାଇଁ, ଗଜେନ୍ଦ୍ର ସ୍ୱାଇଁ, ରଞ୍ଜନ କୁମାର ସ୍ୱାଇଁ, ଦୀପଙ୍କର ସ୍ୱାଇଁ, ଜିତେନ୍ଦ୍ର କୁମାର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ରାଉତ, ନିରାକର ରାଉତ, ସୁଧାଂଶୁ ଶେଖର ବେହେରା, ଲକ୍ଷ୍ମୀଧର ରାଜ ପ୍ରମୁଖ କଳସ ଆଣିଥିଲେ। ପ୍ରତିଦିନ ଚଣ୍ଡୀପୂଜା, ଗୋପୂଜା, ସୂର୍ଯ୍ୟପୂଜା, ଷୋଡ଼ଶ ଉପଚାର ପୂଜା ସହ କୁମାରୀ ତର୍ପଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶନିବାର ଦଶହରା ଉତ୍ସବ ଥିଲା। ପୂଜକ ପଣ୍ଡିତ ହରେକୃଷ୍ଣ ପତି, ଦେବବ୍ରତ ପଣ୍ଡା ଓ ଲକ୍ଷ୍ମୀକାନ୍ତ ପତି ପୂଜା କାର୍ଯ୍ୟ ତୁଲାଇଥିଲେ। ସୁଧାଂଶୁ ଶେଖର ସ୍ୱାଇଁ, ହିମାଂଶୁ ଶେଖର ସ୍ୱାଇଁ, ଚିତ୍ତରଞ୍ଜନ ସ୍ୱାଇଁ, ମୀନକେତନ ସ୍ୱାଇଁ, ସୁଶ୍ରୀ ସଙ୍ଗୀତା ସ୍ୱାଇଁ, ଜଗବନ୍ଧୁ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ।

# ପ୍ରକଳ୍ପ ଥାଇ ବି ପାଣି ଟୋପେ ମିଳୁନି

## ୩ ବର୍ଷ ବିତିଲା, କାର୍ଯ୍ୟକ୍ଷମ ହୋଇପାରିଲାନି

ବନ୍ତ, ୨୮।୩(କିଶୋର କୁମାର ସେଠୀ)

ପ୍ରତି ଘରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ୩ବର୍ଷ ବିତିଥିଲେ ବି ଲୋକଙ୍କୁ ପାଇପ୍ ଯୋଗେ ପାନୀୟ ଜଳ ମିଳିପାରିଲା ନାହିଁ। ବନ୍ତ ବ୍ଲକରେ ଏପରି ସ୍ଥିତି ଦେଖିବାକୁ ମିଳିଛି।

୨୦୨୨-୨୦୨୩ ଆର୍ଥିକ ବର୍ଷରେ ବ୍ଲକ ଅଧୀନ ନିମାପଡ଼ା, ରାମଚନ୍ଦ୍ରପୁର ଏବଂ ଟାଇଗୁଣା ଗାଁରେ ପାନୀୟ ଜଳ ଯୋଗାଣ ପାଇଁ ୨ଟି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୋଟିଏ ନିମାପଡ଼ାରେ ଏବଂ ଅନ୍ୟଟି ଟାଇଗୁଣାରେ ନିର୍ମାଣ କରାଯାଇଛି। ଟାଇଗୁଣାରେ ନିର୍ମାଣ କାର୍ଯ୍ୟ ବର୍ଷେ ହେବ ଶେଷ ହୋଇଥିବା ବେଳେ ନିମାପଡ଼ାରେ ପାଇପ୍ ବିଛାଇବା କାମ ବାକି ରହିଛି। ତେବେ ୨ଟି ପ୍ରକଳ୍ପର ପାଣି ଟାଙ୍କି, ଗୃହ ଏବଂ ପାଚେରି ନିର୍ମାଣ କାର୍ଯ୍ୟ ସରିଛି। ଏହାମଧ୍ୟରେ ୩ବର୍ଷ ବିତିଯାଇଛି, କିନ୍ତୁ ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଅପରପକ୍ଷେ ପ୍ରକଳ୍ପ ସମ୍ବନ୍ଧୀୟ କୌଣସି ସୂଚନା ଫଳକ ନାହିଁ। ଅନାବନା ଗଛ ଲତାରେ ପ୍ରକଳ୍ପ ସ୍ଥାନଟି ପରିପୂର୍ଣ୍ଣ ହୋଇଥିବା ବେଳେ ନିର୍ମିତ ପ୍ରକଳ୍ପ ଗୃହ ଏବଂ ଟାଙ୍କିର ସ୍ଥାୟିତ୍ୱ ଉପରେ ପ୍ରଶ୍ନ ଉଠିଛି। ପ୍ରକଳ୍ପ ଥାଇ ବି ଅଦ୍ୟାବଧି ଲୋକଙ୍କୁ ପାଇପ୍ ଯୋଗେ ପାଣି ଟୋପେ ମିଳିପାରି ନାହିଁ ବୋଲି ରାମଚନ୍ଦ୍ରପୁର ପଞ୍ଚାୟତ ସରପଞ୍ଚ ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ରାଉତ, ଗ୍ରାମବାସୀ ଶ୍ରୀନିବାସ ବିଶ୍ୱାଳ, ଗଣେଶ୍ୱର ବିଶ୍ୱାଳ, ଗୌରାଙ୍ଗ ବାରିକ, ଦୁଃଖୀଶ୍ୟାମ ଜେନା, ରଞ୍ଜିତ ନାୟକ ପ୍ରମୁଖଙ୍କ ସମେତ ସ୍ଥାନୀୟ ବାସିନ୍ଦା ଏପରି ଅଭିଯୋଗ ଆଣିଛନ୍ତି। ବିଭାଗୀୟ ଅଧିକାରୀ ଏବଂ ପ୍ରକଳ୍ପ କାର୍ଯ୍ୟ କରୁଥିବା ଠିକାଦାର ଏଥିପାଇଁ ମୁଖ୍ୟତଃ ଦାୟୀ ବୋଲି ସେମାନେ ଦର୍ଶାଇବା ସହ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ବନ୍ତ ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଯନ୍ତ୍ରୀ ଭବାନୀ ଶଙ୍କର ବେହେରା କହିଛନ୍ତି, ୧୧ ମାସ ମଧ୍ୟରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସରିବା କଥା। ବିଳମ୍ବକୁ ନେଇ ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ତେବେ ଖୁବ୍‌ଶୀଘ୍ର ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ। ଅପରପକ୍ଷେ କାର୍ଯ୍ୟ କରୁଥିବା ଠିକାଦାର ପ୍ରକଳ୍ପ କାର୍ଯ୍ୟର ଅବଧି ବୃଦ୍ଧି ପାଇଁ ଏକ ଲିଖିତ ଆବେଦନ କରିଛନ୍ତି। କିନ୍ତୁ ତାହା ଅନୁମୋଦନ ହୋଇନାହିଁ।



ନିମାପଡ଼ାରେ ନିର୍ମାଣ ସରିଥିବା ପାଣିଟାଙ୍କି।






## କାନ୍ଥ ତଳେ ଚାପିହୋଇ ଦମ୍ପତି ଗୁରୁତର

ଉଦଳା, ୨୮।୩(ସନ୍ତୋଷ କୁମାର ବାଛିନି)

ମୟୂରଭଞ୍ଜ ଜିଲା ଶରତ ଥାନା ଅଧୀନ କେଶପଡା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଝଡ଼ ତୋଫାନରେ ଘର କାନ୍ଥ ଭୁଶୁଡ଼ି ପଡ଼ିବାରୁ ଏକ ଦମ୍ପତି ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗ୍ରାମର ବାରିଆଳ ମାରାଣ୍ଡି ଏବଂ ତାଙ୍କ ସ୍ତ୍ରୀ ଦୁର୍ଗା ମାରାଣ୍ଡି। ସୂଚନା ଅନୁଯାୟୀ, ସେମାନେ ଘର ଭିତରେ ଶୋଇଥିବା ବେଳେ ଅଚାନକ ଝଡ଼ ତୋଫାନ ମାଡ଼ିଆସିଥିଲା। ବାରିଆଳଙ୍କ ମାଟିଘର କାନ୍ଥ ସହ ଆଜ୍‌ବେଷ୍ଟସ ଭାଙ୍ଗି ସେମାନଙ୍କ ଉପରେ ପଡ଼ିଥିଲା। ଫଳରେ ସେମାନେ କାନ୍ଥ ତଳେ ଚାପିହୋଇ ରହିଯାଇଥିଲେ। ପରିବାର ଲୋକେ ସେମାନଙ୍କୁ ୧ ଘଣ୍ଟା ଉଦ୍ୟମ ପରେ ଉଦ୍ଧାର କରିଥିଲେ। ସେମାନେ ଏବେ ଉଦଳା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

# ପୂର୍ତ୍ତ ବିଭାଗ ବେଲଗଡ଼ିଆ ଗଳାପୋଲ ବିପଦସଙ୍କୁଳ

### ଅସନଯୋଡ଼ା-ବାରିପଦା ଯୋଗାଯୋଗ ବିଚ୍ଛିନ୍ନ ଆଶଙ୍କା

ବାରିପଦା, ୨୮।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସହରର ବେଲଗଡିଆସ୍ଥିତ ରାଜାରାଜୁଡା ଅମଳର ଗଳାପୋଲ ବିପଦସଙ୍କୁଳ ହୋଇପଡିଛି। ଦମକଳ କେନ୍ଦ୍ରରୁ ୧୮ନଂ. ଜାତୀୟ ରାଜପଥର ଅସନଯୋଡାକୁ ସଂଯୋଗ କରୁଥିବା ପୂର୍ତ୍ତବିଭାଗ ରାସ୍ତା ବେଲଗଡିଆର ଚିପଟ ନଦୀ ପୋଲ ପୂର୍ବରୁ ଥିବା ଏହି ପୋଲର ଦକ୍ଷିଣ ପାର୍ଶ୍ୱ ଗାର୍ଡ ୱାଲ ତଳୁ ମାଟି ଧସି ବୃହତ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଉପରୋକ୍ତ ରାସ୍ତା ଦେଇ ଦୈନିକ ହଜାର ହଜାର ଗାଡି ମୋଟର ସହିତ ଭାରିଯାନ ଚଳାଚଳ ହେଉଛି। ତେବେ ଜରୁରୀକାଳୀନ ସ୍ଥିତିରେ ଭାରୀଯାନ ଚଳାଚଳ ବନ୍ଦ କରି ପୂର୍ତ୍ତବିଭାଗ ରାସ୍ତା ମରାମତି ପାଇଁ ସାମାଜିକ କର୍ମୀ ଆଶିଷ କୁମାର ବସା ଦାବି କରିଛନ୍ତି । ଏନେଇ ପୂର୍ତ୍ତ ବିଭାଗର ଯନ୍ତ୍ରୀ ରାଜକିଶୋର ମଲ୍ଲିକଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଯଥାଶୀଘ୍ର ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ପୋଲର ଗାର୍ଡୱାଲ ତଳୁ ମାଟି ଧସି ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ।

## ଜମୁଛି ରାମନବମୀ ଉତ୍ସବ



ଖାରପୋଖରିଆ, ୨୮।୩ (ସୁଧୀର କୁମାର ମହାନ୍ତ)

ଖାରପୋଖରିଆ ଥାନା ଅଧୀନ ବମ୍ଫେଛକ ବଣିକ ସଂଘ ଆନୁକୂଲ୍ୟରେ ହାଟପଦା ଶ୍ରୀରାମ ନବମୀ ମଣ୍ଡପରେ ଆୟୋଜିତ ରାମନବମୀ ଉତ୍ସବ ଜମୁଛି। ବ୍ୟବସାୟୀ ଜଗଦୀଶ ସାହୁଙ୍କ ତତ୍ତ୍ୱାବଧାନରେ ଗତ ଗୁରୁବାର ଖାରପୋଖରିଆ ଗ୍ରାମ ପୋଖରୀରୁ ଘଟ ଉତ୍ତୋଳନ କରାଯାଇ ମଣ୍ଡପରେ ସ୍ଥାପନା କରାଯାଇଥିଲା। ପରେ ପ୍ରଭୁ ଶ୍ରୀରାମ, ମାତା ସୀତା ଓ ଅନୁଜ ଲକ୍ଷ୍ମଣଙ୍କ ମୃଣ୍ମୟ ମୂର୍ତ୍ତିକୁ ପ୍ରତିଷ୍ଠା କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଷୋହଳ ପ୍ରହର ହରି ମହାମନ୍ତ୍ରର ଆୟୋଜନ କରାଯାଇଥିଲା। ହରି ମଣ୍ଡପରେ ବୈଷ୍ଣବ ମହାରାଜ ଜିତେନ ଦାସଙ୍କ ଦ୍ୱାରା ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମାକୁ ପୂଜା କରାଯାଇ ନାମ ସଙ୍କୀର୍ତ୍ତନ ଆରମ୍ଭ ହୋଇଥିଲା। ବଣିକ ସଂଘ ପକ୍ଷରୁ ଅନ୍ନଛତ୍ର ପ୍ରଦାନ ବ୍ୟବସ୍ଥା କରାଯାଇଛି। ରବିବାର ଦଧି ଉତ୍ସବ ସହ ସନ୍ଧ୍ୟାରେ ସଙ୍କୀର୍ତ୍ତନ ମଣ୍ଡଳୀ ଦ୍ୱାରା ଆସର ଗାନ ବ୍ୟବସ୍ଥା କରାଯାଇଛି। ଗୋକୁଳ ଚନ୍ଦ୍ର ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଦୃବେନ୍ଦ୍ର ମହାନ୍ତ, ଗଣେଶ୍ୱର ମହାନ୍ତଙ୍କ ସହ ବଣିକ ସଂଘର କର୍ମକର୍ତ୍ତା ପରିଚାଳନା କରିଥିଲେ।

## ସାମଗ୍ରିକ ବିଦ୍ୟାଳୟ ବିକାଶ ଆଧାରିତ କର୍ମଶାଳା 'ପ୍ରଗତି'




କର୍ମଶାଳାରେ ବିଭାଗୀୟ ଅଧିକାରୀ, ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ।

ବାରିପଦା, ୨୮।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବିଜାତଳା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ବୃତ୍ତିଗତ ପ୍ରଶିକ୍ଷଣ ନିମନ୍ତେ ତ୍ରିଦିବସୀୟ ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ଆଧାରିତ କର୍ମଶାଳା 'ପ୍ରଗତି' ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଜାତଳା ବ୍ଲକର ୫୨ ଜଣ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ। ଏହି ତିନିଦିନିଆ କର୍ମଶାଳା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ବାରିପଦାର ଶିକ୍ଷକ ପ୍ରଶିକ୍ଷକ ସାଗର କୁମାର ଦଳନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ବିଜାତଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲୀପ କୁମାର ନନ୍ଦ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଞ୍ଜନ କୁମାର ସାଣ୍ଡିଲଙ୍କ ଉପସ୍ଥିତିରେ ଏବଂ ସଂଯୋଜକ ତଥା ସାଧନ କର୍ମୀ ସାଗର କୁମାର ଦଳନାଏକ, ସାଧନ କର୍ମୀ ଭରତେନ୍ଦୁ ମହାନ୍ତ, ସାଧନ କର୍ମୀ ଶୁଭେନ୍ଦୁ ପାତ୍ର, ସାଧନ କର୍ମୀ ରବିଶଙ୍କର ମହାପାତ୍ରଙ୍କର ଦ୍ୱାରା ୩ଦିନ ଧରି କର୍ମଶାଳା ସୂଚାରୁ ରୂପେ ପରିଚାଳିତ ହୋଇଥିଲା। ପ୍ରଧାନ ଶିକ୍ଷକ ଭାରତ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପେଟିକୋଟି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ବୃତ୍ତିଗତ ବିକାଶ କରିବା, ଜାତୀୟ ଶିକ୍ଷା ନୀତି-୨୦୨୦ର ପୁନର୍ବଳନ, ସାମଗ୍ରିକ ବିଦ୍ୟାଳୟ ବିକାଶ ପାଇଁ ୭ଟି ପରିସର ଚିହ୍ନଟକରଣ, ନେତୃତ୍ୱର ଗୁଣାତ୍ମକ କୌଶଳ ବିକାଶ କରିବା, ସମ୍ବଳର ଆକଳନ ପାଇଁ ସାଧନୀ ପ୍ରସ୍ତୁତି କରିବା, ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ପ୍ରସ୍ତୁତି ଓ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଉପରେ ପର୍ଯ୍ୟବେସିତ ହୋଇଥଲା।

# ଚୋରା ରନ୍ଧନ ଗ୍ୟାସ୍ ଗୋଦାମରେ ଚଢ଼ାଉ

### ଗ୍ୟାସ୍ ଭର୍ତ୍ତି ୧୧ ସିଲିଣ୍ଡର ଜବତ

ବାରିପଦା, ୨୮।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଚଢାଉବେଳେ ଜବତ ହୋଇଥିବା ଗ୍ୟାସ୍ ସିଲିଣ୍ଡର।

ରନ୍ଧନ ଗ୍ୟାସ କଟକଣା ସମୟରେ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର କଳାବଜାର କରିବା ଉଦ୍ଦେଶ୍ୟରେ ବେଆଇନ ଭାବେ ମହଜୁଦ ଥିବା ନେଇ ଜିଲା ଏନଫୋର୍ସମେଣ୍ଟ ଦଳ ଚଢାଉ ଆରମ୍ଭ କରିଛି। ଶନିବାର ବାରିପଦା ସହରର ମୁର୍ଗାବାଡି ଓ ତକତପୁର ଅଞ୍ଚଳରେ ଏହି ଦଳ ଚଢ଼ାଉ କରି ୧୧ଟି ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ଜବତ କରିଛି। ଏନେଇ ପୃଥକ ମାମଲା ରୁଜୁ କରାଯାଇଛି। ବାରିପଦା ତହସିଲଦାର ସପନ କୁମାର ସାହୁଙ୍କ ନେତୃତ୍ୱରେ ବାରିପଦା ଉପଖଣ୍ଡ ଅତିରିକ୍ତ ଯୋଗାଣ ଅଧିକାରୀ, ବାରିପଦା ମ୍ୟୁନସିପାଲଟି ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ସହିତ ଚଢ଼ାଉରେ ବାରିପଦା ମ୍ୟୁନସିପାଲଟି, ବାରିପଦା, ବେତନଟୀ, କୁଲିଅଣା ଓ ଶୁଳିଆପଦା ବ୍ଲକ ଯୋଗାଣ ନୀରିକ୍ଷକ ସାମିଲ ଥିଲେ। ସୂଚନାଯୋଗ୍ୟ, ରନ୍ଧନ ଗ୍ୟାସ ସିଲିଣ୍ଡର କଟକଣା ପାଇଁ ବର୍ତ୍ତମାନ ବାରିପଦା ସମେତ ମୟୂରଭଞ୍ଜ ଜିଲାର ବିଭିନ୍ନ ଅଞ୍ଚଳରେ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ୧୫୦୦ରୁ ୨୦୦୦ଟଙ୍କାରେ ବିକ୍ରି ହେଉଛି। ଜିଲାପାଳ ହେମକାନ୍ତ ସୟଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢାଉ କରାଯାଇଛି ଏବଂ ଏପରି ଚଢାଉ ଜାରି ରହିବ ବୋଲି କୁହାଯାଇଛି।

## ଜିଲା ଓକିଲ ସଂଘ ନିର୍ବାଚନ

## ଜ୍ୟୋତିପ୍ରକାଶ ସଭାପତି, ବିପ୍ଳବ ସମ୍ପାଦକ

ବାରିପଦା, ୨୮।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଓକିଲ ସଂଘ ନିର୍ବାଚନରେ ଚଳିତଥର ପ୍ରଥମଥର ଭାବେ ସଭାପତି ଭାବେ ଜ୍ୟୋତିପ୍ରକାଶ ରଥ ବିଜୟୀ ହୋଇଥିବା ବେଳେ ସମ୍ପାଦକ ଭାବେ ପୁନର୍ବାର ୭ମ ଥର ବିପ୍ଳବ ବାରିକ ବିଜୟୀ ହୋଇଛନ୍ତି। ଚଳିତଥର ନିର୍ବାଚନ ମଇଦାନରେ ୨୩ଜଣ ପ୍ରାର୍ଥୀ ରହିଥିଲେ। ତେବେ ଉପସଭାପତି, କୋଷାଧ୍ୟକ୍ଷ ଓ କାର୍ଯ୍ୟକାରୀ କମିଟି ସଦସ୍ୟ(ମହିଳା) ୫ଟି ପଦ ପାଇଁ କେହି ପ୍ରତିଦ୍ୱନ୍ଦ୍ୱର ନ ଥିବାରୁ ସେମାନଙ୍କ ବିଜୟ ଘୋଷଣା ଔପଚାରିତା ରହିଥିଲା। ଉପରୋକ୍ତ ୭ ପଦବୀକୁ ଛାଡି ବାକି ପଦବୀ ପାଇଁ ଶନିବାର ନିର୍ବାଚନ ହୋଇଥିଲା। ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ କିଶୋର ଚନ୍ଦ୍ର ମହାନ୍ତିଙ୍କ କହିବାନୁସାରେ ଜିଲା ଓକିଲ ସଂଘର ୬୧୬ଜଣ ବୈଧ ଭୋଟରଙ୍କ ପାଇଁ ସକାଳ ସାଢେ ୭ଟାରୁ ଅପରାହ୍ନ ୩ଟା ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବାପରେ ଅପରାହ୍ନ ୪ଟାରୁ ଭୋଟ ଗଣନା ଆରମ୍ଭ ହୋଇ ଫଳାଫଳ ପ୍ରକାଶ ପାଇଥିଲା। ସଭାପତି ଭାବେ ଜ୍ୟୋତିପ୍ରକାଶ ରଥ ତାଙ୍କର ଏକମାତ୍ର ପ୍ରତିଦ୍ୱନ୍ଦ୍ୱୀ ପୂର୍ବତନ ସଭାପତି ପ୍ରବୀର କୁମାର ବସାଙ୍କୁ ୯୨ଖଣ୍ଡ ଭୋଟରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ସେହିପରି ସମ୍ପାଦକ ପଦ ପାଇଁ ଏକମାତ୍ର ପ୍ରତିଦ୍ୱନ୍ଦ୍ୱୀ ଜ୍ଞାନରଞ୍ଜନ ଜେନାଙ୍କୁ ରେକର୍ଡ ସଂଖ୍ୟକ ୧୭୮ଖଣ୍ଡ ଭୋଟରେ ପରାସ୍ତ କରି ୭ମ ଥର ପାଇଁ କ୍ରମାଗତ ଭାବେ ବିପ୍ଳବ ବାରିକ ବିଜୟୀ ହୋଇଛନ୍ତି। ଯୁଗ୍ମ ସମ୍ପାଦକ (କଲ୍ୟାଣ) ପାଇଁ ସ୍ୱରୂପ କୁମାର ମିଶ୍ର ୧୦ମ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ସେହିପରି ଯୁଗ୍ମ ସମ୍ପାଦକ (ପ୍ରଶାସନ) ଭାବେ ପଙ୍କଜ କୁମାର ମହାକୁଡ, ଯୁଗ୍ମ ସମ୍ପାଦକ (ପାଠାଗାର) ଭାବେ କୃଷ୍ଣଚନ୍ଦ୍ର ମହାନ୍ତି ବିଜୟୀ ହୋଇଛନ୍ତି। କାର୍ଯ୍ୟକାରୀ କମିଟି(ଅଣସଂରକ୍ଷିତ) ୩ଟି ପଦ ପାଇଁ ଗିରିଶ୍ଚନ୍ଦ୍ର ମହାପାତ୍ର, ଦେବରାଜ ମିଶ୍ର ଓ ଗୌତମଶଙ୍କର ରାୟ ବିଜୟୀ ହୋଇଛନ୍ତି। ଅପରପକ୍ଷରେ ଉପସଭାପତି ପାଇଁ ସତ୍ୟବ୍ରତ ଦାସ, କୋଷାଧ୍ୟକ୍ଷ ପାଇଁ ପଦ୍ମଲୋଚନ ମହାନ୍ତ ଓ କାଯ୍ୟକାରୀ କମିଟି ମହିଳା ପାଇଁ ସଂରକ୍ଷିତ ୫ଟି ପଦ ପାଇଁ ମଧୁସ୍ମିତା ସେଠୀ, ସ୍ୱପ୍ନା ମହାନ୍ତି, ବୈଜୟନ୍ତୀ ବାସ୍କେ, ସସ୍ମିତା ଘୋଷାଲ ଓ ରୂପଶ୍ରୀ ବାରିକ ୫ଜଣ ନିର୍ଦ୍ୱନ୍ଦରେ ବିଜୟୀ ହୋଇଛନ୍ତି।

## 'ଚରିତ୍ର ଗଠନ, ସଂଘବଦ୍ଧ ଜୀବନ ପ୍ରତିଷ୍ଠାରେ ନାଟକ ସଫଳ ମାଧ୍ୟମ'

ବାରିପଦା, ୨୮।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଆଲୋଚନାଚକ୍ରରେ ଉପସ୍ଥିତ ଅନୁଷ୍ଠାନ କର୍ମକର୍ତ୍ତା, ଶିଶୁ ଓ ଅଭିଭାବକ।

ବିଶ୍ୱ ନାଟ୍ୟ ଦିବସ ପାଳନ ଅବସରରେ ତକତପୁରସ୍ଥିତ ହିନ୍ଦୁସ୍ଥାନ ଡ୍ୟାନସ ଅନୁଷ୍ଠାନଠାରେ ଶିଶୁ କଳାକାରମାନଙ୍କୁ ନେଇ 'ଚରିତ୍ର ଗଠନ ଏବଂ ସଂଘବଦ୍ଧ ଜୀବନ ପ୍ରତିଷ୍ଠାରେ ନାଟକ ଏକ ସଫଳ ମାଧ୍ୟମ' ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ନିର୍ଦ୍ଦେଶକ ଅମିତ୍ ବାରିକଙ୍କ ପରିଚାଳନାରେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଓ କଳାକାର ଗୋବିନ୍ଦ ଚନ୍ଦ୍ର ଗିରି ମୁଖ୍ୟଅତିଥି, ନାଟ୍ୟକାର ଓ ନିର୍ଦ୍ଦେଶକ ଆଶିଷ କୁମାର ବଶା ମୁଖ୍ୟବକ୍ତା, ନାଟ୍ୟ ସମୀକ୍ଷକ ଶୁଭେନ୍ଦୁ କୁମାର ପାଲ, ସମ୍ମାନିନୀୟ ଅତିଥି ତଥା ନାଟ୍ୟ ନିର୍ଦ୍ଦେଶକ ଓ କଳାକାର ତ୍ରିଲୋଚନ ସାହୁ ଯୋଗଦେଇ ଆଲୋଚନା ପ୍ରସଙ୍ଗରେ ନାଟକର ସମାଜ ଉପରେ ପ୍ରଭାବ ଏବଂ ନାଟକର ବିବିଧ ଦିଗ ସମ୍ପର୍କରେ ନିଜ ବକ୍ତବ୍ୟରେ ଆଲୋକପାତ କରିଥିଲେ। ଆଜିର ଶିଶୁ ହିଁ ଭବିଷ୍ୟତର କର୍ଣ୍ଣଧାର। ଉପସ୍ଥିତ ଶିଶୁ, ଅଭିଭାବକମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର ମାଧ୍ୟମରେ ନାଟକ ସମ୍ବନ୍ଧରେ ସଚେତନ କରାଯାଇଥିଲା। ଅନୁଷ୍ଠାନର ନୃତ୍ୟ ଶିକ୍ଷୟିତ୍ରୀ ଅନିନ୍ଦିତା ପ୍ରିୟଦର୍ଶନୀ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆ ନବ ବର୍ଷ ଉପଲକ୍ଷେ ପ୍ରତିଯୋଗିତା




ମୋରଡ଼ା, ୨୮।୩(ସ୍ମାରକ ମାଜୀ)

ଓଡ଼ିଆ ନବ ବର୍ଷକୁ ଭିନ୍ନ ଢଙ୍ଗରେ ପାଳନ କରିବାକୁ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନ ଚିତ୍ରଡ଼ାର ପ୍ରଣାମ ଚିତ୍ରଡ଼ା ଫାଉଣ୍ଡେଶନ ତରଫରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଫାଉଣ୍ଡେଶନ ତରଫରୁ ମୋରଡ଼ା ବ୍ଲକ୍‌ର ସମସ୍ତ ଉଚ୍ଚ ବିଦ୍ୟାଳୟରେ ଶନିବାର ଚିତ୍ରାଙ୍କନ, ରଚନା, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ ପାଣିଗ୍ରାହୀ ଫିତା କାଟି ଉଦ୍‌ଘାଟନ କରିଥିଲେ। ଏ ନେଇ ଚିତ୍ରଡ଼ା ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଅରୁଣ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଇଓ ପାଣିଗ୍ରାହୀ, ସମ୍ମାନିତ ଅତିଥି ଫାଉଣ୍ଡେଶନର ସମ୍ପାଦକ ବିଜୟ ସାହୁ, ଉପଦେଷ୍ଟା ଅଜୟ ପାଳ, ଅଦିତ ବେହେରା, ରଣଜିତ ସାହୁ, ରବୀନ୍ଦ୍ର ମହାନ୍ତ, ଅନ୍ତର୍ଯ୍ୟାମୀ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। କଳା, ସାହିତ୍ୟ, ସଂସ୍କୃତିରେ ଲୁକାୟିତ ପ୍ରତିଭାକୁ ଅନ୍ୱେଷଣ କରିବା ସହିତ ଆଗକୁ ଏକ ଉଜ୍ଜ୍ୱଳ ମଞ୍ଚରେ ଛାତ୍ରୀଛାତ୍ରମାନେ କିପରି ନିଜର ପ୍ରତିଭା ପ୍ରଦର୍ଶନ କରି ପାରିବେ ସେ ନେଇ ପ୍ରଣାମ ଚିତ୍ରଡା ସର୍ବଦା ଚେଷ୍ଟିତ ବୋଲି ଅତିଥିଗଣ ମତବ୍ୟକ୍ତ ପ୍ରଦାନ କରିଥିଲେ। ଉପସଭାପତି ତପନ ବେହେରା, ଅମରେନ୍ଦ୍ର ସିଂବାବୁ, ରାଜୀବ ସାହୁ, ପରିତୋଷ ବାରିକ, ସ୍ମାରକ ମାଜୀ, ଦୀପକ ବେହେରା, ପିଉରଞ୍ଜନ ଜେନା, ଜ୍ୟୋତିରଞ୍ଜନ ଜିତବାବୁ, କରୁଣାକର ବେହେରା, ବିନୋଦଚନ୍ଦ୍ର ମହାନ୍ତ ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବନାଗ୍ନି ନିରାକରଣ ଓ ଗ୍ରୀଷ୍ମପ୍ରବାହ ସଚେତନତା



ଖସାଡିହା ଗ୍ରାମରେ ବରିଷ୍ଠ ନାଗରିକ ମଞ୍ଚ କର୍ମକର୍ତ୍ତାଙ୍କ ସହ ଗ୍ରାମବାସୀ।

ବାରିପଦା, ୨୮।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ କୋଚିଲାଘାଟି ପଞ୍ଚାୟତ ଖସାଡିହା ଗ୍ରାମରେ ବନାଗ୍ନି ନିରାକରଣ ଓ ଗ୍ରୀଷ୍ମପ୍ରବାହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ପ୍ରଦୀପ୍ତ କିଶୋର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପରେ ଅଭାବୀ ଗ୍ରାମବାସୀଙ୍କୁ ଛତା, ଚପଲ ଓ ବିସ୍କୁଟ ପ୍ରଦାନ କରାଯାଇଥିଲା। ସାଧାରଣ ସମ୍ପାଦକ ଡ ଶ୍ୟାମସୁନ୍ଦର ଦାସଙ୍କ ସହିତ ଶୋଭନା ଆଚାର୍ଯ୍ୟ, ଉର୍ମିଳା କମିଳା, କାନନ ଆଢ଼୍ୟ, ବରେନ୍ଦ୍ର ମହାନ୍ତି, ସରୋଜ ମିଶ୍ର, ହିମାଂଶୁ ଶେଖର ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ଦାଶ, ହେମନ୍ତ ଚନ୍ଦ୍ର ଦାଶ, ରବୀନ୍ଦ୍ର ମହାପାତ୍ର ଓ ପଞ୍ଚାୟତ ପ୍ରତିନିଧି ମଗୁନି ସିଂ, ଓ ନିବେଜିତା ସିଂ ପ୍ରମୁଖ ସଚେତନତା କାର୍ଯ୍ୟକ୍ରମକୁ ସଂଗଠିତ କରି ଛତା ଚପଲ ବଣ୍ଟନ କରିଥିଲେ।

## ରାଇରଙ୍ଗପୁର: ଅକ୍ଷୟ ସଭାପତି, ମନୋଜ ସମ୍ପାଦକ

ରାଇରଙ୍ଗପୁର, ୨୮।୩ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବାର ଆସୋସିଏଶନ ବିଭିନ୍ନ ପଦାଧିକାରୀ କର୍ମକର୍ତ୍ତା ନିର୍ବାଚନ ଶନିବାର ଶେଷ ହୋଇଛି। ସଭାପତି ପଦବୀରେ ଅକ୍ଷୟ କୁମାର ମହାନ୍ତି, ସମ୍ପାଦକ ପଦବୀରେ ମନୋଜ ଦାସ ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ହରେକୃଷ୍ଣ ମହାକୁଡ଼, ଯୁଗ୍ମ ସମ୍ପାଦକ ଭାବେ ସୁଶାନ୍ତ କୁମାର ମହାନ୍ତ, ସହ ସମ୍ପାଦକ ଭାବେ ପ୍ରଦୀପ ମଣ୍ଡଳ ସହ ସମ୍ପାଦକ( ଲାଇବ୍ରେରୀ ଗୋରୀଶଙ୍କର ଦତ୍ତ ଏବଂ କୋଷାଧ୍ୟକ୍ଷ ଭାବେ ଶିଶୁସଦ ମହାନ୍ତ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ ସଦସ୍ୟ ଭାବେ ୧୦ଜଣ ନିର୍ବାଚିତ ହୋଇଛନ୍ତି। ଆସୋସିଏଶନର ମୋଟ ୨୭୫ ଜଣ ଭୋଟ ମତଦାନ କରିଥିଲେ। ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ସୁବ୍ରତ ଦାସ ପରିଚାଳନା କରିଥିଲେ।

## କରଞ୍ଜିଆ ଓକିଲ ସଂଘ ନିର୍ବାଚନ

କରଞ୍ଜିଆ, ୨୮।୩(କବିତା ମହାନ୍ତ)

ମୟୂରଭଞ୍ଜ ଜିଲା କରଞ୍ଜିଆ ଓକିଲ ସଂଘର ନିର୍ବାଚନ ଶନିବାର ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ମୋଟ ୧୬୯ ସଭ୍ୟ ଥିବାବେଳେ ୧୩୨ ଆଇନଜୀବୀ ମତଦାନ କରିଥିଲେ। ସଭାପତି ଭାବେ ବିଶ୍ୱଜିତ ଚୌଧୁରୀ, ଉପସଭାପତି ରେଣୁବାଳା ବାରିକ, ସମ୍ପାଦକ ସରୋଜ ରାଉଳ, ସହସମ୍ପାଦକ ମହମ୍ମଦ ଫିରୋଜ ଏବଂ କୋଷାଧ୍ୟକ୍ଷ ଭାବେ ସପନ କୁମାର ଶତପଥୀ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ ସଦସ୍ୟ ଭାବେ ଅଶୋକ କୁମାର ସାହୁ, ପିପୁନ ସାହୁ, ତ୍ରିଶୂଳ ମହାନ୍ତ, ଜିତେନ୍ଦ୍ର ବାରିକ, ସୁବର୍ଣ୍ଣ ଧୂଙ୍ଗିଆ ଓ ଝରଣା ପୃଷ୍ଟି ମନୋନୀତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଦେବାଶିଷ କୁମାର ବେହେରା ପରିଚାଳନା କରିଥିଲେ। ସୁଦର୍ଶନ ବେହେରା, ବିଚିତ୍ର ନାରାୟଣ ମହାନ୍ତ, ଉଦିପ୍ତ ବେହେରା, ଅନୁପମା କର ଓ ପୀତବାସ ମହାନ୍ତ ସହଯୋଗ କରିଥିଲେ।

## ମା' ବାସନ୍ତୀଙ୍କୁ ମେଲାଣି



ରାଇରଙ୍ଗପୁର, ୨୮।୩ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁରସ୍ଥିତ ବାସନ୍ତୀ ପୂଜା ମଣ୍ଡପରେ ମା' ବାସନ୍ତୀଙ୍କଠାରେ ଶନିବାର ମହାଦଶମୀ ପୂଜା ଅବସରରେ ବିଭିନ୍ନ ପୂଜାର୍ଚ୍ଚନା ହୋମ ସହ ଅପରାଜିତା ପୂଜା ସମାପନ ପରେ ମା' ବାସନ୍ତୀଙ୍କୁ ବିସର୍ଜନ କରାଯାଇଥିଲା। ମା' ବାସନ୍ତୀଙ୍କ ମହାଦଶମୀ ପୂଜା ଏବଂ ବିସର୍ଜନ ସକାଶେ ପୂଜା ମଣ୍ଡପରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ସମେତ ବାସନ୍ତୀ ପୂଜା କମିଟିର ବିଭିନ୍ନ କର୍ମକର୍ତ୍ତା ଏବଂ ସଦସ୍ୟଗଣ ଉପସ୍ଥିତ ଥିଲେ। ସନ୍ଧ୍ୟା ବେଳେ ବାସନ୍ତୀ ପୂଜା କମିଟି ପକ୍ଷରୁ ପୂଜା ମଣ୍ଡପରୁ ମା' ବାସନ୍ତୀଙ୍କ ମେଲାଣି ଉତ୍ସବ ଆରମ୍ଭ ହୋଇ ରାଇରଙ୍ଗପୁର ସହରାଞ୍ଚଳସ୍ଥିତ ଖଡଖାଇ ନଦୀଘାଟରେ ବିସର୍ଜନ କରାଯାଇଥିଲା।

# ମନ୍ତ୍ରମୁଗ୍ଧ କଲା ବାରିପଦାର ନାଟକ 'ଅପଦାର୍ଥ'

ବାରିପଦା, ୨୮।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ନାଟକ 'ଅପଦାର୍ଥ'ର ଏକ ଦୃଶ୍ୟ।

ସମ୍ପର୍କ ଅନୁଷ୍ଠାନ ଆନୁକୂଲ୍ୟରେ ରାଉରକେଲା ସିଭିକ ସେଣ୍ଟରରେ ଆୟୋଜିତ ଜାତୀୟ ନାଟକ ମହୋତ୍ସବରେ ବାରିପଦାର ରୂପାନ୍ତର ନାଟ୍ୟ ଅନୁଷ୍ଠାନ ପ୍ରଯୋଜିତ ନାଟକ 'ଅପଦାର୍ଥ' ମଞ୍ଚସ୍ଥ ହୋଇଯାଇଛି। ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ରଚିତ ଓ ପରେଶ ଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶିତ ନାଟକରେ ସପନ କୁମାର ପଣ୍ଡା, ସତ୍ୟନାରାୟଣ ଦାସ, ରବୀନ୍ଦ୍ର ବେହେରା, ଆଲୋକ କୁମାର ଦାସ, ଦିନେଶ କୁମାର ସାହୁ, ପ୍ରଦୀପ ଚୌଧୁରୀ, ମଦନମୋହନ ଜେନା, ପଦ୍ମିନୀ ପାଢ଼ୀ, ଲକ୍ଷ୍ମୀପ୍ରିୟା ସେନାପତି ଓ ଅପୂର୍ବା ସାହୁ ଅଭିନୟ କରିଥିବା ବେଳେ ଶୁଭେନ୍ଦୁ କୁମାର ସାହୁ ସଂଗୀତ ନିର୍ଦ୍ଦେଶନାରେ, ପ୍ରଳୟ ଶତପଥି ମଞ୍ଚସଜ୍ଜା ଓ ନାରାୟଣ ମଣ୍ଡଳ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ପୁରୁଷ ଓ ନାରୀ ଉଭୟଙ୍କର ସ୍ନେହ, ମମତା ଓ ତ୍ୟାଗର ପ୍ରତୀକ ପରିବାର। ମାତ୍ର ନାରୀ ଯେତେବେଳେ ସମସ୍ତ ସୀମା ଲଂଘନ କରି ସ୍ୱେଚ୍ଛାଚାରିଣୀ ହୋଇଯାଏ ସେତେବେଳେ ପୁରୁଷ ପାଲଟିଯାଏ ଅପଦାର୍ଥ। ଏହି ବିଷୟବସ୍ତୁ ଉପରେ ଆଧାରିତ ନାଟକରେ ଅଭିନେତାଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି ଅବସରରେ ଅଭିନେତା ଓ ନିର୍ଦ୍ଦେଶକ ପରେଶ ସାହୁଙ୍କୁ 'ସମ୍ପର୍କ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ନାଟକର ସଫଳତା ପାଇଁ ଅନୁଷ୍ଠାନର ଅଧ୍ୟକ୍ଷ ବୀରେନ୍ଦ୍ର ନାଥ ସାହୁ ଅଭିନନ୍ଦନ ଜଣାଇଛନ୍ତି।

## ବିନା ପ୍ରତିଦ୍ୱନ୍ଦ୍ୱିତାରେ ସରିଲା ଓକିଲ ସଂଘ ନିର୍ବାଚନ

ଉଦଳା, ୨୮।୩ (ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳାଠାରେ ଶନିବାର ପୂର୍ବାହ୍ନ ୧୧ଟାରେ ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଉଦଳା ଓକିଲ ସଂଘର ବିଭିନ୍ନ ପଦବୀ ପାଇଁ ବିନା ପ୍ରତିଦ୍ୱନ୍ଦ୍ୱିତାରେ ପ୍ରାର୍ଥୀମାନେ ନିର୍ବାଚିତ ହୋଇଛନ୍ତି। ସଭାପତି ଭାବେ ଲମ୍ବୋଦର ବେହେରା, ଉପସଭାପତି ମନୋଜ କୁମାର ଦାସ, ସମ୍ପାଦକ ବସନ୍ତ କୁମାର ପରିଡ଼ା, ସହସମ୍ପାଦକ ରବୀନ୍ଦ୍ର କୁମାର ଜେନା ଏବଂ କୋଷାଧ୍ୟକ୍ଷ ଭାବେ ପ୍ରତିମା ସାହୁ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ ଅରୁଣ କୁମାର ବାରିକ ସୂଚନା ଦେଇଛନ୍ତି। ଏହାସହ ୪ଜଣ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଦିଲୀପ କୁମାର ପରିଡା, ରବୀନ୍ଦ୍ର ନାଥ ସାହୁ, ଦିଲୀପ କୁମାର ବାସ୍କେ ଏବଂ ପ୍ରଜ୍ଞା ପରମିତା ପୁଥାଳ ନିର୍ବାଚିତ ହୋଇଛନ୍ତି। ସେହିପରି ଉପଖଣ୍ଡ ଓକିଲ ସଂଘ ପକ୍ଷରୁ ସଭାପତି ଭାବେ ପଦ୍ମଲୋଚନ ଦାଶ, ଉପସଭାପତି ସରୋଜ ରଞ୍ଜନ ବେହେରା, ସମ୍ପାଦକ ରଜତ କୁମାର ମହାପାତ୍ର, ସହସମ୍ପାଦକ ପ୍ରଦୀପ କୁମାର ସାହୁ, କୋଷାଧ୍ୟକ୍ଷ ମକରନ୍ଦ ପଲେଇ ଓ ଲାଇବ୍ରେରୀ ସହସମ୍ପାଦକ ଭାବେ ବିରଞ୍ଚି ନାରାୟଣ କର ନିର୍ବାଚନ ଜିତିଛନ୍ତି। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଶାଶ୍ୱତ ତ୍ରିପାଠୀ, ବୃନ୍ଦା ମୁର୍ମୁ, ସୁଶ୍ରୀ ସଙ୍ଗୀତା ଦାଶ, ହରିପ୍ରିୟା ହାଁସଦା, ସସ୍ମିତା ନାଏକ, ଆରତି ସୋରେନ ଏବଂ କମଳାକାନ୍ତ ମହାନ୍ତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ରତ୍ନାକର ବେହେରା ପରିଚାଳନା କରିଥିଲେ।

# ସଂରକ୍ଷିତ ଜଙ୍ଗଲରୁ ଝିଙ୍କ ମୃତଦେହ ଜବତ

ପାଟଣା,୨୮।୩ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ତୁରୁମୁଙ୍ଗାସେକ୍ସନ ତିଣ୍ଡାବିଟ୍ ଲକ୍ଷ୍ମୀପୋଷି ସଂରକ୍ଷିତ ଜଙ୍ଗଲରୁ ଶନିବାର କ୍ଷତାକ୍ତ ଝିଙ୍କର ମୃତଦେହକୁ ବନ ବିଭାଗ ଜବତ କରିଛି। ବନ ବିଭାଗ ଫୁଟ୍ ପାଟ୍ରୋଲିଂ କରୁଥିବା ସମୟରେ ଝିଙ୍କ ମୃତଦେହ ଦେଖିବାକୁ ପାଇଥିଲା। ମୃତ ଝିଙ୍କର ବୟସ ୬ରୁ ୭ବର୍ଷ ହୋଇଥିବା ବନବିଭାଗ ଅନୁମାନ କରିଛି। ଝିଙ୍କର ବେକରେ କ୍ଷତଚିହ୍ନ ରହିଛି। ବନ୍ୟପ୍ରାଣୀଙ୍କ ଶିକାରରେ ଝିଙ୍କର ମୃତ୍ୟୁ ଘଟିଥିବା କିମ୍ବା ଶିକାରୀର ତୀରରେ ମୃତ୍ୟୁ ଘଟିଛି, ତାହା ସ୍ପଷ୍ଟ ହୋଇନାହିଁ। ମୃତଦେହକୁ କ୍ଷୀରେଇଟାଙ୍ଗିରୀ ବନ କାର୍ଯ୍ୟାଳୟରେ ପାଟଣା ବିଭିଓ ଅମ୍ରିତ ଅମୃତାଂଶୁ ବିଶାଳ ବ୍ୟବଚ୍ଛେଦ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତର କାରଣ ଜଣା ପଡ଼ିବ ବୋଲି କ୍ଷୀରେଇଟାଙ୍ଗିରି ବନପାଳ ପୁର୍ଣ୍ଣଚନ୍ଦ୍ର ମହାନ୍ତ କହିଛନ୍ତି।

# ୩ ପଞ୍ଚାୟତକୁ ମାସେ ହେଲା ଜଳଯୋଗାଣ ବନ୍ଦ

## ସ୍ଲରି ପାଇପ୍ଲାଇନ କାର୍ଯ୍ୟ ସମୟରେ ପାଇପ୍ ଫାଟିଲା

ଯୋଡ଼ା,୨୮।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍‌ରେ ସ୍ଲରି ପାଇପ୍ଲାଇନ କାର୍ଯ୍ୟ ସମୟରେ ମେଗା ପାନୀୟଜଳ ପ୍ରକଳ୍ପର ପାଇପ୍ ଫାଟିଯାଇଛି। ୧ ମାସ ହେଲା ପାଇପ୍ ସଜଡ଼ା ଯାଉ ନ ଥିବାରୁ ଯୋଡ଼ା ବ୍ଲକ୍‌ର ବଡ଼କାଳିମାଟି ପଞ୍ଚାୟତ, ଝୁମ୍ପରା ବ୍ଲକ୍‌ର ବସନ୍ତପୁର ଓ ନୟାଗଡ଼ ପଞ୍ଚାୟତକୁ ଜଳଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଜିଲା ପ୍ରଶାସନ ଓ ଗ୍ରାମାଞ୍ଚଳ ଜଳ ଯୋଗାଣ ସଂସ୍ଥା ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ୩ ପଞ୍ଚାୟତର ୨୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ପାନୀୟ ଜଳ ପାଇଁ ଡହଳବିକଳ ହେଉଛନ୍ତି।

ସୂଚନା ଅନୁଯାୟୀ, ଯୋଡ଼ା ବ୍ଲକ୍ ଅନ୍ତର୍ଗତ ବେଲଦାଠାରେ ଥିବା ମେଗା ପାନୀୟଜଳ ପ୍ରକଳ୍ପରୁ ଉକ୍ତ ପଞ୍ଚାୟତଗୁଡ଼ିକୁ ପାନୀୟଜଳ ଯୋଗାଣ ହେଉଛି। ସ୍ଲରି ପାଇପ୍ଲାଇନ କମ୍ପାନୀର ଦାୟିତ୍ୱହୀନତା ଯୋଗୁ ପ୍ରକଳ୍ପର ମୁଖ୍ୟ ପାଇପ୍ ମେଶିନ ଦ୍ୱାରା ଭାଙ୍ଗି ଦିଆଯାଇଛି। ପାଇପଲାଇନ ଭାଙ୍ଗିବା ଯୋଗୁ ବସନ୍ତପୁରଠାରେ ଥିବା ଓଭରହେଡ୍ ପାଣିଟାଙ୍କିକୁ ଜଳଯୋଗାଣ ହୋଇପାରୁନାହିଁ, ଯାହାଦ୍ୱାରା ୩ ପଞ୍ଚାୟତର ଗ୍ରାମକୁ ଜଳଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଲୋକେ ପାନୀୟଜଳ ନ ପାଇ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏ ନେଇ ଲୋକେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଜଣାଇଥିଲେ ମଧ୍ୟ ପାଇପ୍ଲାଇନ୍‌ର ମରାମତି ହେଉନାହିଁ। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଶୁଭେନ୍ଦୁ ନାଏକ କହିଛନ୍ତି, ଖଣି ଅଞ୍ଚଳରେ ସ୍ଲରି ପାଇପ୍ଲାଇନ କମ୍ପାନୀଗୁଡ଼ିକ କୌଣସି ଦାୟିତ୍ୱ ନେଇ କାର୍ଯ୍ୟ କରୁ ନ ଥିବାରୁ ବିଭିନ୍ନ ସମୟରେ ପାଣିପାଇପ୍ ଫଟାଇ ଦେଉଛନ୍ତି। ବାରମ୍ବାର ମରାମତି ପାଇଁ କୁହାଯାଉଥିଲେ ହେଁ ଏଥିରେ ବିଳମ୍ବ କରୁଛନ୍ତି ।


ସ୍ଲରି ପାଇପ୍ଲାଇନ ପାଇଁ ଖୋଳାଯାଇଥିବା ସ୍ଥାନ।

# ଭାଜପାମୁହାଁ ସମସ୍ତ ବିଜେଡି କାଉନ୍‌ସିଲର

## କେନ୍ଦୁଝର ପୌରପାଳିକା ରାଜନୀତି ସରଗରମ

କେନ୍ଦୁଝର,୨୮।୩(ଦୀପକ ମିଶ୍ର)

ବର୍ତ୍ତମାନ ପରିସ୍ଥିତିରେ ରାଜ୍ୟ ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି। ଏହି କ୍ରମରେ କେନ୍ଦୁଝରରେ ମଧ୍ୟ ରାଜନୀତି ପାଣିପାଗ ସରଗରମ ରହିଛି। କେନ୍ଦୁଝର ପୌରପାଳିକାର ୨୧ ମଧ୍ୟରୁ ସମସ୍ତ ୧୩ ବିଜେଡି କାଉନସିଲର ଭାଜପା ମୁହାଁ ହୋଇଥିବା ଜଣାପଡ଼ିଛି। ଆସନ୍ତା ସୋମବାର ଭୁବନେଶ୍ୱରଠାରେ କାଉନ୍‌ସିଲରମାନେ ବିଧିବଦ୍ଧ ଭାବେ ଭାଜପାରେ ମିଶିବେ ବୋଲି ଜଣାପଡ଼ିଛି।

ସୂଚନା ମୁତାବକ, ଆସନ୍ତା ସୋମବାର ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ଅନୁଷ୍ଠିତ ହେବ। ସେଠାରେ ସମସ୍ତେ ବିଧିବଦ୍ଧ ଭାବେ ଭାଜପାରେ ଯୋଗଦେବେ ବୋଲି ୭ ନମ୍ବର ୱାର୍ଡ କାଉନ୍‌ସିଲର ଅବିନାଶ ମିଶ୍ର ଓ ୮ ନମ୍ବର ୱାର୍ଡ କାଉନ୍‌ସିଲର ଦୟାନିଧି ପାତ୍ର ପ୍ରକାଶ କରିଛନ୍ତି। ଏ ନେଇ ୨ ଜଣଙ୍କୁ ଛାଡ଼ିଦେଲେ ସମସ୍ତ ବିଜେଡି କାଉନ୍‌ସିଲର ଭୁବନେଶ୍ୱରରେ ଡେରା ପକାଇଛନ୍ତି। ଅନ୍ୟ ୨ ଜଣ ମଧ୍ୟ ଭାଜପାରେ ଯୋଗଦେବେ ବୋଲି ଭାଜପାର ଜଣେ ଆଗ ଧାଡ଼ିର ନେତା ନାମ ଗୋପନ ରଖି କହିଛନ୍ତି। ମିଶ୍ରଣ ପରେ କେନ୍ଦୁଝର ସହରରେ ବିଜେଡି ନିଶ୍ଚିତ ଭାବେ ଦୁର୍ବଳ ହେବ। ଆଗାମୀ ପୌର ନିର୍ବାଚନରେ ନିଜର କାଉନ୍‌ସିଲର ପ୍ରାର୍ଥୀଙ୍କୁ ଜିତେଇବା କଷ୍ଟକର ହୋଇଯିବ। ପୌର ନିର୍ବାଚନ ଆଉ ଅଳ୍ପ ଦିନ ବାକି ଥିବା ବେଳେ ଭାଜପାର ଏହି ରଣକୌଶଳ ନିର୍ବାଚନରେ ନିଶ୍ଚିତ ଭାବେ ସହାୟକ ହେବ ବୋଲି ବୁଦ୍ଧିଜୀବୀ ତଥା ପୂର୍ବତନ କାଉନ୍‌ସିଲର ମୋହିନୀ ମୋହନ ମିଶ୍ର କହିଛନ୍ତି।

# ଗୁଲୁଦିପଶିରେ ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ

ପାଟଣା,୨୮।୩(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ଗୁଲୁଦିପଶି ଗ୍ରାମରେ ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଉଛି। ଗ୍ରାମର ପୁରୁଷମାନେ ଗାଁ ନିକଟ ନାଳରୁ କଳସ ଆଣି ଭଜନ କୀର୍ତ୍ତନ କରି ନାମଯଜ୍ଞ ମଣ୍ଡପକୁ ଆଣିସ୍ଥାପିତ କରିଥିଲେ। ପୂଜକ ଭାବେ ତରୁଣ ତ୍ରିପାଠୀ ପୂଜାର୍ଚ୍ଚନା କରୁଥିବା ବେଳେ କର୍ତ୍ତାଭାବେ ନିରଞ୍ଜନ ବାରିକ, ରଘୁ ଦେହୁରୀ, ଜୟକୃଷ୍ଣ ବାରିକ, ପ୍ରଶନ୍ନ ବାରିକ, ଡ୍ରାଇଭ ଦାସ ପ୍ରମୁଖ ଦେବନୀତି ସମ୍ପାଦନ କରୁଛନ୍ତି। ନାମଯଜ୍ଞରେ ତୁରୁମୁଙ୍ଗା, ଗୋଡ଼ି ପୋଖରୀ, ଭଣ୍ଡାରୀନାଳି, ଠାକୁରମୁଣ୍ଡା ଦାସସାହି, ତାଳପଦା ପୁଅଦଳ ହରିନାମ ସଙ୍କୀର୍ତ୍ତନ କରୁଛନ୍ତି।

# ଶିକ୍ଷାନୁଷ୍ଠାନରେ ମା'ମାନଙ୍କ ମଧ୍ୟରେ ପ୍ରତିଯୋଗିତା

ବଉଳା,୨୮।୩(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଚଣ୍ଡିଆ ବିରଞ୍ଚିପୁରସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ପଢୁଥିବା ଛାତ୍ରୀଛାତ୍ରଙ୍କ ମା'ମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟର ସଭାପତି ଉଦୟ ନାଥ କର ଯୋଗଦେଇଥିବା ବେଳେ ବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ ନାୟକ ଏବଂ ଉପାଧ୍ୟକ୍ଷ ଗୋଲକ ବିହାରୀ ସାହୁ ମା' ମାନଙ୍କ ଗହଣରେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ୫୦ରୁ ଉର୍ଦ୍ଧ୍ୱ ମା' ଅଂଶଗ୍ରହଣ କରିଥିଲେ। ମା' ମାନଙ୍କ ମଧ୍ୟରେ ଗୁପ୍ତଧନ ଅନୁସନ୍ଧାନ, ଝୋଟିଚିତା, ରିଙ୍ଗ୍ ମଧ୍ୟକୁ ବଲ୍ ଫିଙ୍ଗା, ଭାଗ୍ୟର ଖେଳ, ମ୍ୟୁଜିକ୍ ଚେୟାର ଆଦି ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଯଥା ବିଜୟ ପହି, ଦେବେନ୍ଦ୍ରନାଥ ପାଢ଼ୀ, ଶୁଭଶ୍ରୀ ପଣ୍ଡା, ଉର୍ମୀ ମହାନ୍ତି, ମୋନାଲିସା ବାରିକ୍ ଏବଂ ସହକର୍ମୀ ମୁଲତା ଖୁଣ୍ଟିଆ, ମନୋରମା ସେଠୀ, ଉର୍ମୀଳା ସେଠୀ ସହଯୋଗ କରିଥିଲେ।


ମା'ମାନେ ମ୍ୟୁଜିକ୍ ଚେୟାର ଖେଳ ଖେଳୁଛନ୍ତି।

# ଦରଦାମ, ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଗର୍ଜିଲା କଂଗ୍ରେସ


ସମାବେଶରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

## କଂଗ୍ରେସର ଜନ ଅଧିକାର ସମାବେଶ

ବଞ୍ଚୋ/ ବଉଳା/ଛେନାପଦି,୨୮।୩ (ପ୍ରଦୋଷ କୁମାର ବିଶ୍ୱାଳ/ ଦୁର୍ଗା ପ୍ରସାଦ ଆୟଚ/ ନିରାକାର ପରିଡ଼ା)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ମରେଇଗାଁ ପଡ଼ିଆରେ କଂଗ୍ରେସ ପକ୍ଷରୁ ଏକ ଜନ ଅଧିକାର ସମାବେଶ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଦରଦାମ ବୃଦ୍ଧି ଓ ଆଇନଶୃଙ୍ଖଳାର ଅବନତିକୁ ନେଇ ସମାବେଶରେ କଂଗ୍ରେସ ନେତା ଶାଣିତ ସ୍ୱରରେ ସରକାରଙ୍କୁ ପ୍ରଶ୍ନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଯେନା, ଜିଲା ସଭାପତି ଇଞ୍ଜିନିୟର ମନୋଜ ଯେନା ଓ ବ୍ଲକ୍ ସଭାପତି ରମେଶ ବାରିକଙ୍କ ନେତୃତ୍ୱରେ ଅନେକ ହଜାର ମହିଳା ଓ ଯୁବକ ଯୋଗଦେଇଥିଲେ। ଜନସମାବେଶରେ ନେତାମାନେ ଚାଷୀ ସମସ୍ୟା, ଦରଦାମ ବୃଦ୍ଧି ଯୋଗୁ ସାଧାରଣ ଲୋକ ଓ ଖଟିଖିଆ ଶ୍ରମିକମାନେ ଭୋଗୁଥିବା ସମସ୍ୟା ଉପରେ ଆଲୋକପାତ କରିଥିଲେ। ପୂର୍ବତନ ପିସିସି ସଭାପତି ଯେନା ତାଙ୍କୁ ହତ୍ୟା ଧମକ ଓ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ସରକାରଙ୍କୁ କଟୁ ଆଲୋଚନା କରିଥିଲେ। ଏ ନେଇ ଆଗାମୀ ଦିନରେ କଂଗ୍ରେସ ଦଳ ରାଜରାସ୍ତାକୁ ଓଲେଇବା ପାଇଁ ଚେତାବନୀ ଦେଇଥିଲେ। ଶେଷରେ ଜିଲା ସଭାପତି ଯେନାଙ୍କ ସମେତ କଂଗ୍ରେସ ନେତାମାନେ ଶାନ୍ତିପୂର୍ଣ୍ଣଭାବେ ଆନନ୍ଦପୁର ଏସ୍‌ଡିପିଓ କମଳ ପଣ୍ଡା ଓ ନନ୍ଦିପଦା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତିଙ୍କ ମାଧ୍ୟମରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏମ୍‌ପି ଯଶୋବନ୍ତସିଂ ଲାଗୁରୀ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, କେନ୍ଦୁଝରର ଯୁବ କଂଗ୍ରେସ ସଭାପତି ସୋନେସ ଧିର, ପୂର୍ବତନ ଛାତ୍ର ସଭାପତି ୟାଶିର ନୱାଜ, ଏଆଇସିସି ସଦସ୍ୟ ମାନସ ଚୌଧୁରୀ, ରାଜ୍ୟ ଯୁବ କଂଗ୍ରେସ ସଭାପତି ରିତ୍ ପାତ୍ର, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ମିଡିଆ ସେଲ୍ ଉପସଭାପତି ଅମିୟ ପାଣ୍ଡବ, ଓଡିଶା ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି ଦେବାଶିଷ ପଟ୍ଟନାୟକ ପ୍ରମୁଖଙ୍କ ସମେତ ୧ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଉପସ୍ଥିତ ରହିଥିଲେ।

# ବଳରାମ ସଭାପତି, ଦେବପ୍ରିୟ ସମ୍ପାଦକ ନିର୍ବାଚିତ

## ବଡ଼ବିଲ ବାର୍ ଆସୋସିଏଶନ ନିର୍ବାଚନ

ବଡ଼ବିଲ,୨୮।୩(ଜୟନ୍ତୀ ରଣା)

କେନ୍ଦୁଝର ଜିଲା ବଡ଼ବିଲ ବାର ଆସୋସିଏଶନର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶନିବାର ନିର୍ବାଚନ ନିମନ୍ତେ ଦିନ ଧାର୍ଯ୍ୟ ହୋଇଥିଲା। ବଡ଼ବିଲ ବାର ଆସୋସିଏଶନର ସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ, ସହସମ୍ପାଦକ, କୋଷାଧ୍ୟକ୍ଷ, ଲାଇବ୍ରେରୀ ସମ୍ପାଦକ, ଲାଇବ୍ରେରୀ ସହ ସମ୍ପାଦକ ପଦବୀ ନିମନ୍ତେ ଜଣଏ ଲେଖାଏ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ଉପସଭାପତି ପଦବୀ ପାଇଁ ୨ ଜଣ ନାମାଙ୍କନପତ୍ର ଦାଖଲ କରିଥିଲେ। ଜଣେ ପ୍ରାର୍ଥୀଙ୍କର ନାମାଙ୍କନପତ୍ର ନାକଚ ହୋଇଯାଇଥିଲା। ସେହିଭଳି ୫ଟି କାର୍ଯ୍ୟକାରୀ ସଦସ୍ୟ ପଦବୀ ପାଇଁ ୬ ଜଣ ନାମାଙ୍କନପତ୍ର ଦାଖଲ କରିଥିଲେ। ଜଣେ ପ୍ରାର୍ଥୀ ନାମାଙ୍କନପତ୍ର ପ୍ରତ୍ୟାହାର କରିନେଇଥିଲେ। ଫଳରେ ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି। ବଡ଼ବିଲ ବାର ଆସୋସିଏଶନର ନିର୍ବାଚନ ଅଧିକାରୀ ତଥା ଆଇନଜୀବୀ ପ୍ରତାପ ଜେନା ଦେଇଥିବା ସୂଚନା ଅନୁଯାୟୀ, ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ବଳରାମ ମହାନ୍ତି, ସମ୍ପାଦକ ଦେବପ୍ରିୟ ରଣା, କୋଷାଧ୍ୟକ୍ଷ ଭାବେ ପ୍ରଦୀପ କୁମାର ମହାନ୍ତି ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ଗଗନ ବିହାରୀ ଭଞ୍ଜମିଶ୍ର, ଯୁଗ୍ମ ସମ୍ପାଦକଭାବେ ମିହିର ନାମତୋଆର, ସହସମ୍ପାଦକ ଭାବେ ପ୍ରସନ୍ନ ପରିଡା, ଲାଇବ୍ରେରୀ ସମ୍ପାଦକଭାବେ ବିଷ୍ଣୁପ୍ରିୟା ସେଠୀ, ଲାଇବ୍ରେରୀ ସହସମ୍ପାଦକଭାବେ ଜଗନ୍ନାଥ ସେଠୀ ଏବଂ କାର୍ଯ୍ୟକାରୀ ସଦସ୍ୟଭାବେ ଲକ୍ଷ୍ମୀ ଖୁଣ୍ଟିଆ, ମନୋଜ ସିଂହ, ସଞ୍ଜୟ ମହାପାତ୍ର, ହରିଶଚନ୍ଦ୍ର ବାରି ଓ କମଳା ପାତ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

ସେହିପରି ବଡ଼ବିଲ ଲୟର୍ସ ଆସୋସିଏଶନର ନିର୍ବାଚନ ଅଧିକାରୀ ତଥା ଆଇନଜୀବୀ ପରମେଶ୍ୱର ଭୁକ୍ତାଙ୍କ ସୂଚନା ଅନୁଯାୟୀ, ସଭାପତି ଭାବେ ଦିଲୀପ ରାଉତ, ଉପସଭାପତି ଭାବେ ଶୁଭେନ୍ଦୁ ଗିରି, ସମ୍ପାଦକଭାବେ ମମତା ଦାସ, କୋଷାଧ୍ୟକ୍ଷଭାବେ ଅନୀତା ମହାନ୍ତ, ଯୁଗ୍ମ ସମ୍ପାଦକଭାବେ ପ୍ରଦୀପ୍ତ ଧଳ, ସହସମ୍ପାଦକଭାବେ ବସନ୍ତ ମହାପାତ୍ର, ଲାଇବ୍ରେରୀ ସମ୍ପାଦକଭାବେ ତରୁନ ସେନ ଏବଂ କାର୍ଯ୍ୟକାରୀ ସଦସ୍ୟଭାବେ ପ୍ରମୋଦ ପଟ୍ଟନାୟକ, ସୁଜିତ କର, ଅବଦୁଲ ଲତିଫ, ଜ୍ୟୋତି ରଞ୍ଜନ ମହାନ୍ତି, ନରେଶ ପାତ୍ର, ସୁଜାତା ଦାସ ଓ ମମତା ଚାମ୍ପିଆ ନିର୍ବାଚିତ ହୋଇଛନ୍ତି। ଆଗାମୀ ୨୦୨୬-୨୦୨୭ ବର୍ଷପାଇଁ ଅପ୍ରେଲ ୧ ତାରିଖଠାରୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଏହି କର୍ମକର୍ତ୍ତାମାନେ କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି। ସୂଚନା ଥାଉକି, ରାଜ୍ୟ ବାର କାଉନ୍‌ସିଲର ୱାନ ବାର- ୱାନ ଡେ- ୱାନ ଭୋଟ ଅନୁଯାୟୀ ରାଜ୍ୟବ୍ୟାପୀ ପ୍ରତି ବର୍ଷ ମାର୍ଚ୍ଚ ଶେଷ ଶନିବାର ସମସ୍ତ ବାର ଆସୋସିଏଶନଗୁଡ଼ିକର ନିର୍ବାଚନ ପାଇଁ ଦିନ ଧାର୍ଯ୍ୟ ହୋଇଛି।


ବଳରାମ ମହାନ୍ତି


ଦେବପ୍ରିୟ ରଣା


ପ୍ରଦୀପ କୁମାର ମହାନ୍ତି


ଦିଲୀପ କୁମାର ରାଉତ


ମମତା ଦାସ

# ବଳାତ୍କାର ମାମଲାରେ ଦୋଷୀଙ୍କୁ ୧୦ ବର୍ଷ ଜେଲ

କେନ୍ଦୁଝର,୨୮।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଅତିରିକ୍ତ ଜିଲା ଦୌରାଜଜ୍ (ଫାଷ୍ଟ ଟ୍ରାକ୍) କୋର୍ଟରେ ଶନିବାର ଏକ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ବିଜୟ କୁମାର ମିଶ୍ର ଜଣେ ୨୪ ବର୍ଷୀୟ ଯୁବତୀଙ୍କୁ ବଳାତ୍କାର ମାମଲାର ଶୁଣାଣି କରି ଦୋଷୀ କୁଶ ନାୟକ (୩୫)ଙ୍କୁ ୧୦ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ଏଥିସହ ୧୫ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅତିରିକ୍ତ ୧ବର୍ଷ ଜେଲ ଦଣ୍ଡାଦେଶ ଆଦେଶ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ପଣ୍ଡାପଡ଼ା ଥାନା ଧରାପଡ଼ା ଗ୍ରାମରେ ପୀଡ଼ିତାଙ୍କ ଘର ହୋଇଥିବା ବେଳେ ଅଭିଯୁକ୍ତ ଉକ୍ତ ଗ୍ରାମରେ ତାଙ୍କ ପିଉସାଙ୍କ ଘରେ ରହୁଥିଲେ। ୨୦୨୫ରେ ଦୋଷୀ ବିବାହର ପ୍ରତିଶ୍ରୁତି ଦେଇ ପୀଡ଼ିତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ପୀଡ଼ିତା ୪ ମାସର ଗର୍ଭବତୀ ହୋଇଥିଲେ। ଏ ନେଇ କୁଶଙ୍କୁ ଜଣାଇବା ପରେ ୭ ମାର୍ଚ୍ଚ ୨୦୨୫ରେ ସେ ଫେରାର ହୋଇଯାଇଥିଲେ। ୧୧ ମାର୍ଚ୍ଚରେ ପୀଡ଼ିତା ପଣ୍ଡାପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୪୧/୨୦୨୫) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୧୫ ଜଣ ସାକ୍ଷୀଙ୍କ ବୟାନ ଏବଂ ପୋଲିସ ତଦନ୍ତ ରିପୋର୍ଟ ଆଧାରରେ ଜଜ୍ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଏହାଛଡ଼ା ପୀଡ଼ିତାଙ୍କୁ ୮ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଜିଲା ଆଇନସେବା ପ୍ରାଧିକରଣଙ୍କୁ ସୁପାରିସ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପତିତପାବନ ନାଥ ମାମଲା ପରିଚାଳନା କରୁଥିଲେ।

# ୨ ମାସ ହେଲା ସରକାରୀ ବସ୍‌ସେବା ଠପ୍

## କଟକ, ଭୁବନେଶ୍ୱର ଯିବାକୁ ସମସ୍ୟା ଭୋଗୁଛନ୍ତି ଉପାନ୍ତ ଅଞ୍ଚଳବାସୀ

ଚମ୍ପୁଆ,୨୮।୩(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଉପାନ୍ତ ଅଞ୍ଚଳରେ ଗତ ୨ମାସ ହେବ ଦ୍ରୁତଗାମୀ ସରକାରୀ ବସ୍‌ସେବା ଠପ୍ ହୋଇଯାଇଛି। ବସ୍ ଚଳାଚଳ କରୁ ନ ଥିବାରୁ ଲୋକେ କଟକ, ଭୁବନେଶ୍ୱର ଯାତାୟାତରେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ବେସରକାରୀ ବସ୍‌ଭଡ଼ାଠାରୁ ସ୍ୱଳ୍ପ ଯାତ୍ରୀଭଡ଼ା ଦେଇ ସରକାରୀ ବସ୍‌ସେବା ପାଉଥିବା ଲୋକେ ବର୍ତ୍ତମାନ ବାଧହୋଇ ଆର୍ଥିକ କଷ୍ଟ ଭୋଗୁଥିବା କହିଛନ୍ତି।

ସୂଚନା ଅନୁସାରେ, ଚମ୍ପୁଆ ଉପଖଣ୍ଡ ମୁଖ୍ୟାଳୟକୁ ସରକାରଙ୍କ ପକ୍ଷରୁ ୩ ଗୋଟି ଦ୍ରୁତଗାମୀ ବସ୍ ଚଳାଚଳ କରୁଥିଲା। ଏହି ବସ୍ ଯୋଗେ କଟକ, ଭୁବନେଶ୍ୱର ଓ ରାଉରକେଲାକୁ ଯିବାକୁ ଯାତ୍ରୀ ସରକାରଙ୍କ ନିର୍ଦ୍ଧାରିତ ଭଡ଼ା ଦେଇ ଯାତାୟାତର ସୁବିଧା ପାଉଥିଲେ। ୩ ଗୋଟି ବସ୍ ମଧ୍ୟରୁ ଗୋଟାଏ ଭୋର ୪ଟା ୩୦ରେ ଚମ୍ପୁଆରୁ ବାହାରି ଦିନ ୧୧ଟାରେ କଟକ ପହଞ୍ଚୁଥିଲା। ମଧ୍ୟାହ୍ନ ୧୨ଟା ୪୦ରେ କଟକରୁ ଚମ୍ପୁଆ ଅଭିମୁଖେ ଯାତ୍ରା କରି ରାତି ୮ଟା ୪୦ରେ ପହଞ୍ଚୁଥିଲା। ଏହି ବସ୍ ଯୋଗେ ଛାତ୍ରୀଛାତ୍ର, ସ୍ୱାସ୍ଥ୍ୟସେବା, ଆଇନ ସେବା ସହିତ ବ୍ୟବସାୟ କାର୍ଯ୍ୟରେ ଲୋକେ କଟକ ଯାତାୟାତ କରୁଥିଲେ। ପ୍ରାୟତଃ ଯାତ୍ରୀମାନେ ଗୋଟିଏ ଦିନରେ ନିଜ କାର୍ଯ୍ୟ ସାରି ଉକ୍ତ ବସ ଯୋଗେ ଘରକୁ ଫେରିପାରୁଥିଲେ। ସେହିପରି ସକାଳ ୮ଟାରେ ଜିଲା ମୁଖ୍ୟାଳୟରୁ ଚମ୍ପୁଆ ମୁଖ୍ୟାଳୟ ଦେଇ ରାଉରକେଲା ଯାତାୟାତ କରୁଥିବା ବସ୍ ବନ୍ଦ ରହିଥିବା ବେଳେ ଦିନ ୩ଟାରେ ଚମ୍ପୁଆରୁ ଭୁବନେଶ୍ୱର ଯାଉଥିବା ସରକାରୀ ବସ୍ ମଧ୍ୟ ବନ୍ଦ ରହିଛି। ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚମ୍ପୁଆ ଏକ ଉପାନ୍ତ ଅଞ୍ଚଳ ହୋଇଥିବାରୁ ଏହି ବସ୍ ଉପରେ ଝାଡ଼ଖଣ୍ଡ ଓ ମୟୂରଭଞ୍ଜ ଅଞ୍ଚଳର ଲୋକେ ନିର୍ଭର କରିଆସୁଛନ୍ତି। ତୁରନ୍ତ ସରକାରୀ ବସସେବା ଯୋଗାଇଦେବାକୁ ସ୍ଥାନୀୟବାସୀ ସ୍ୱର ଉଠାଇଛନ୍ତି। ଜିଲା ବିଭାଗୀୟ ଅଧିକାରୀ ଗୌରବ କୁମାର ଜେନା କହିଛନ୍ତି, ସକାଳ ବସ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇ ମରାମତି ହେଉଛି। ଆସନ୍ତା ସପ୍ତାହରେ ଚଳାଚଳ କରିବ। ମାତ୍ର ଚମ୍ପୁଆରୁ ଭୁବନେଶ୍ୱର ଯାଉଥିବା ବସ୍ ବିଷୟରେ ତାଙ୍କ ପାଖରେ କୌଣସି ସୂଚନା ନାହିଁ ବୋଲି କହିଥିଲେ। ତୁରନ୍ତ ସରକାରୀ ବସ୍‌ସେବା ଯୋଗାଇଦେବାକୁ ଜନସାଧାରଣ ଦାବି କରିଛନ୍ତି।




# କାଳବୈଶାଖୀ ପ୍ରଭାବରେ ଝଡ଼ତୋଫାନ ସହ ବର୍ଷା

ପାଟଣା,୨୮।୩(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ରେ ଶୁକ୍ରବାର ବିଳମ୍ବିତ ରାତିରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ପବନ, ଘଡ଼ଘଡି ସହ ବର୍ଷା ହୋଇଥିଲା। ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ପଡ଼ିବା ସହ ଆମ୍ବ ବାଗାନ, ପୁରୁଣା ଆମ୍ବ ତୋଟାରୁ କଷି ଆମ୍ବ ସବୁ ଝଡ଼ି ପଡ଼ିଛି। ବଡ଼ ପାଟଣା ପଞ୍ଚାୟତ ଗୁଲୁଦିପଶି ଗ୍ରାମର କ୍ଷେତ୍ରବାସୀ ବାରିକଙ୍କ ଘର ବାହାରେ ଥିବା ଏକ କୋଳି ଗଛ କାର ଉପରେ ପଡ଼ି କାରଟି ଭାଙ୍ଗିଯାଇଛି। ପାଟଣା ଅଗ୍ନିଶମ କର୍ମଚାରୀ ଶନିବାର ବିଭିନ୍ନ ସ୍ଥାନରୁ ଗଛଗୁଡ଼ିକୁ କାଟି ସଫା କରିଛନ୍ତି।



# ମୂଷାଖୋରୀ-ସରାସକୋଲା ରାସ୍ତା କାମ ନିମ୍ନମାନର ଅଭିଯୋଗ

ପାଟଣା,୨୮।୩(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମଲ୍ଲୀପଶି ଛକଠାରୁ ମୂଷାଖରୀ ଭାୟା ସରାସକୋଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ରାସ୍ତା କାମ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ଉକ୍ତ ରାସ୍ତାର ଗିରିଧିନା ନିକଟରେ ପିଚୁ ଫଟାଫଡ଼ା ହୋଇ ଉଠିଯାଉଥିବାରୁ ସ୍ଥାନୀୟ ଲୋକେ ପ୍ରତିବାଦ କରିଥିଲେ। ଫଳରେ କାମ ବନ୍ଦ ରହିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଉକ୍ତ ରାସ୍ତାର ୨ କି.ମି. ୩ଶହ ମିଟର ରାସ୍ତାର ନିର୍ମାଣ ୪୦ ଲକ୍ଷ ଟଙ୍କା ବ୍ୟୟରେ ଆରମ୍ଭ ହୋଇଛି। ଆନନ୍ଦପୁରର ସୁରେଶ ପାଢ଼ୀ ଉକ୍ତ କାର୍ଯ୍ୟର ଠିକାଦାରଭାବେ ନିଯୁକ୍ତ ହୋଇ କାର୍ଯ୍ୟ କରୁଥିବା ବେଳେ ପିଚୁ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ସ୍ଥାନୀୟ ଲୋକେ ଶୁକ୍ରବାର ବିରୋଧ କରିବାରୁ କାର୍ଯ୍ୟ ବନ୍ଦ ରହିଛି। ହାତରେ ପିଚୁକୁ ଧରିଲେ ଫଡ଼ାଫଡ଼ା ହୋଇଉଠିଯାଉଛି। ଫଳରେ ଏହି ରାସ୍ତାରେ ଯାନବାହନ ଚଳାଚଳ କଲେ ଅଳ୍ପ ଦିନରେ ରାସ୍ତା ଖରାପ ହୋଇଯିବ ବୋଲି ଲୋକେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଦେବାନନ୍ଦ ମାହନ୍ତ କହିଛନ୍ତି, ପିଚୁ କାର୍ଯ୍ୟ ଠିକ୍ ଭାଗ ମାପରେ ହୋଇଛି। ଦେଢ଼ ଇଞ୍ଚର ପିଚୁ ପଡ଼ିଛି। ନିର୍ମାଣ କାର୍ଯ୍ୟ ହେବା ପରେ ବଣ୍ଡିଂ ପାଇଁ ୨୪ଘଣ୍ଟା ଛାଡ଼ିଦେବା ଦରକାର। କିନ୍ତୁ ସେଠାରେ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଉଦ୍ଦେଶ୍ୟମୂଳକ ଭାବେ କୋଦାଳ ଓ ହାତରେ ପିଚୁକୁ ତାଡ଼ିଦେଇଛନ୍ତି।



